# ଉନ୍ନତ ପଦ୍ଧତିରେ ପରିବା ଚାଷ



## କୃଷି ଉତ୍ପାଦନ କ୍ଲଷ୍ଟରରେ ଉନ୍ନତ ଚାଷ ପଦ୍ଧତି ଅବଲମ୍ବନ ପାଇଁ ସହାୟକ ପୁସ୍ତିକା

16 partners NGO

# ସୂଚୀପତ୍ର


| କ୍ର.ନଂ | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| ୧. | ପନିପରିବା ନର୍ସରୀ ପ୍ରସ୍ତୁତି | ୨-୯ |
| ୨. | ଉନ୍ନତ ପଦ୍ଧତିରେ ବାଇଗଣ ଚାଷ | ୧୦-୨୦ |
| ୩. | ଉନ୍ନତ ପଦ୍ଧତିରେ କୋବି ଚାଷ | ୨୧-୨୭ |
| ୪. | ଉନ୍ନତ ପଦ୍ଧତିରେ ଲଙ୍କା ଚାଷ | ୨୮-୪୧ |
| ୫. | ଉନ୍ନତ ପଦ୍ଧତିରେ ଲତା ଜାତୀୟ ଚାଷ | ୪୨-୫୪ |
| ୬. | ଉନ୍ନତ ପଦ୍ଧତିରେ ଟମାଟୋ ଚାଷ | ୫୫-୬୬ |
| ୭. | ଉନ୍ନତ ପଦ୍ଧତିରେ ତରଭୁଜ ଚାଷ | ୬୭-୭୨ |
| ୮. | ଉନ୍ନତ ପଦ୍ଧତିରେ ଖମ୍ବଆଳୁ ଚାଷ | ୭୩-୮୧ |
| ୯. | ଉନ୍ନତ ପଦ୍ଧତିରେ ପୋଟଳ ଚାଷ | ୮୨-୮୮ |
| ୧୦. | କୀଟନାଶକ ଏବଂ ରାସାୟନିକ ଦ୍ରବ୍ୟ ପ୍ରୟୋଗର ବିଧି | ୮୯ |
| ୧୧. | ସମୋନ୍ନିତ ରୋଗ ପୋକ ପରିଚାଳନା | ୯୦-୯୭ |
| ୧୨. | ସମନ୍ନିତ କୃଷି ପଦ୍ଧତି ର କିଛି ନିୟମାବଳୀ | ୯୮ |

# ପନିପରିବା ନର୍ସରୀ ପ୍ରସ୍ତୁତି



# ପନିପରିବା ତଳି ପକାଇବା ବିଧି

ଉନ୍ନତ ତଳି ବା ଚାରା ଉତ୍ପାଦନ ପାଇଁ ଉର୍ବର ମାଟି, ଉନ୍ନତ ବିହନ, ଖାଦ୍ୟ, ପୋକ ଓ ରୋଗ ପରିଚାଳନା ନିତ୍ୟାନ୍ତ ଆବଶ୍ୟକ । ଏମାନଙ୍କ ମଧ୍ୟରୁ କୌଣସି ଗୋଟିକର ଅସୁବିଧା ହେଲେ ଚାରା ଗଛ ଦୁର୍ବଳ ଓ ନିମ୍ନ ମାନର ହୋଇଥାଏ । ଏହାଛଡା ଉନ୍ନତ ଚାରା ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଏବଂ ବାୟୁ ଚଳପ୍ରଚଳର ବ୍ୟବସ୍ଥା ଥିବା ଦରକାର । ଛୋଟ ମଞ୍ଜିଯୁକ୍ତ ପନିପରିବା, ଯେପରିକି ବାଇଗଣ, ଟମାଟୋ, ଲଙ୍କା, ଫୁଲକୋବି, ବନ୍ଧାକୋବି, ଶିମିଳା ଲଙ୍କା, ପିଆଜ ଇତ୍ୟାଦିକୁ ନିମ୍ନଲିଖିତ କାରଣ ଗୁଡିକ ପାଇଁ ପ୍ରଥମେ ତଳି ପକାଯାଏ ।

- ମଞ୍ଜି ଗୁଡିକ ବହୁତ ଛୋଟ ହୋଇଥିବା ଯୋଗୁଁ ମୁଖ୍ୟ ଖେତରେ ବୁଣିବା ସମ୍ଭବ ହୋଇ ନ ଥାଏ ।
- ସୁସ୍ଥ ଚାରା ଲଗାଇଲେ ଅମଳ ବଢିଥାଏ ।
- ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ତଳି ପକାଇଲେ ଠିକ୍ ଭାବେ ବୀଜ ଅଙ୍କୁରିତ ହେବା ସହ ସୁସ୍ଥ ତଳି ମିଳିଥାଏ ।
- ମୁଖ୍ୟ ଖେତରେ ଲାଗିବା ପୂର୍ବରୁ ରୋଗ ଦାଉରୁ ରକ୍ଷା ପାଇବା ନିମନ୍ତେ ତଳିର ତଳି ପଟିରେ ଉପଯୁକ୍ତ ପ୍ରତିଷେଧକ ପାଇପାରେ ।

## ବିଭିନ୍ନ ପ୍ରକାର ତଳି ବା ନର୍ସରୀ ଉତ୍ପାଦନ ପଦ୍ଧତି :

- ବେଡ ନର୍ସରୀ



# ପନିପରିବା ତଳି ପକାଇବା ବିଧି

## ଉପଯୁକ୍ତ ଜମି ଚୟନ :





- ପାଣି ଜମୁଥିବା ଜାଗାକୁ ଚୟନ କରନ୍ତୁ ନାହିଁ ।
- ପ୍ରତିଦିନ ପରିଭ୍ରମଣ କରିହେଉଥିବା ଜାଗାକୁ ଚୟନ କରନ୍ତୁ ।
- ଜମିଟି ପାଖରେ ଜଳ ଏବଂ ଜଳ ସେଚନର ବ୍ୟବସ୍ଥା ଥିବା ଆବଶ୍ୟକ ।
- ପର୍ଯ୍ୟାପ୍ତ ମାତ୍ରରେ ସୂର୍ଯ୍ୟକିରଣ ପଡୁଥିବା ଜାଗାକୁ ଚୟନ କରନ୍ତୁ ।
- କୁକୁଡା, ବତକ, ଘୁଷୁରି, କୁକୁର, ଛେଳି ଆଦିଙ୍କ ଠାରୁ ସୁରକ୍ଷିତ ଜାଗାକୁ ଚୟନ କରନ୍ତୁ ।
- ବିହନ ପକାଇବାର ଦିନକ ପୂର୍ବରୁ ୧୦୦ ଗ୍ରାମ୍ ନିମ୍ବ ପିଡିଆ ଓ ଗୋବରଖତ ଏକ ଝୁଡି ମିଶାଇ ଦିଅନ୍ତୁ ।

## ବିହନ ବିଶୋଧନ :





- ବିହନ ବିଜମୃତରେ ପକାଇ ସଂଗେ ସଂଗେ ଉଠାଇ ଛାଇରେ ଶୁଖାନ୍ତୁ ।
- ଟ୍ରାଇକୋଡର୍ମାଭିରିଡେ ଅଧାଗ୍ରାମ୍ କିମ୍ବା ସୁଡୋମୋନାସ୍ ଫ୍ଲୁରୋସେନ୍ସ ୧ ଗ୍ରାମ୍‌ରେ ବିହନରେ ବିଶୋଧନ କରନ୍ତୁ ।
- ବିହନରେ ୧୦ ଗ୍ରାମ୍ ଆଜୋସ୍ପିରିଲମ୍‌କୁ ପେଜରେ ମିଶାଇ ବିହନକୁ ଉପଚାର କରନ୍ତୁ ।

## ସାର ପରିଚାଳନା

* ୧୦୦ ଗ୍ରାମ୍ ଡିଏପି
* ୧୦୦ ଗ୍ରାମ୍ ପୋଟାସ୍
* ୫୦ ଗ୍ରାମ୍ ଫୋରେଟ୍
* ୧୦ ଗ୍ରାମ୍ ରିଡୋମିଲ୍

ଡିଏପି, ପୋଟାସ୍ ଏବଂ ଫୋରେଟ୍‌କୁ ତଳିପଟି ଉପରେ ପକାଇ ମାଟିର ୧ ଇଞ୍ଚ ଉପରସ୍ତରରେ ଭଲ ଭାବେ ମିଶାଇ ଦିଅନ୍ତୁ । ମାଟିରେ ଥିବା କୀଟ ଯଥା ପିମ୍ପୁଡି, ଉଇ, ଛୋଟ ପୋକ ଯାହାକି ତଳିକୁ କ୍ଷତି କରିଥାଏ, ସେମାନଙ୍କ ଦାଉରୁ ତଳିକୁ ସୁରକ୍ଷିତ କରିବା ପାଇଁ ଫୋରେଟ୍‌ର ବ୍ୟବହାର କରାଯାଇଥାଏ ।











## ବିହନ ଉପଚାର ଏବଂ ବୁଣିବା :

* ୧ କେଜି ବିହନ ପାଇଁ ୧ ଗ୍ରାମ୍ ରିଡୋମିଲ୍ ଆବଶ୍ୟକ ।
* ବିହନ ବୁଣିବା ପାଇଁ ଅପରାହ୍ନ ସମୟ ଅର୍ଥାତ୍ କମ୍ ତାପମାତ୍ରା ସମୟ ଉପଯୁକ୍ତ ଅଟେ ।
* ମଞ୍ଜିରୁ ମଞ୍ଜି ଏକ ଅଙ୍ଗୁଳି ଏବଂ ଧାଡିରୁ ଧାଡି ଦୁଇ ଅଙ୍ଗୁଳିର ବ୍ୟବଧାନରେ ଗୋଟି ଗୋଟି କରି ମଞ୍ଜି ପକାନ୍ତୁ ।
* ମଞ୍ଜି ପକାଇବା ପରେ ଧାଡି ଗୁଡିକୁ ଶୁଖିଲା ଗୋବର ଖତ ଗୁଣ୍ଡରେ ଢ଼ାଙ୍କି ଦିଅନ୍ତୁ ।
* ଏହାପରେ ତଳି ପଟିକୁ ପୁଆଳ/ କୁଟା ଦ୍ୱାରା ଘୋଡାଇ ଦିଅନ୍ତୁ । ଏପରି କଲେ ବୀଜ ଅଙ୍କୁରଣ ଶୀଘ୍ର ହୋଇଥାଏ ।
* ୫ ଗ୍ରାମ୍ ରିଡୋମିଲ୍‌କୁ ୫ ଲିଟର ପାଣିରେ ଗୋଳାଇ ଭଲ ଭାବରେ ତଳିପଟି ଉପରେ ସ୍ପ୍ରେ କରନ୍ତୁ ।
* ତିନି ଦିନ ପରେ ସନ୍ଧ୍ୟା ସମୟରେ ପୁଆଳ/ କୁଟାକୁ ତଳି ପଟିରୁ କାଢି ଦିଅନ୍ତୁ ।





## ପ୍ରୋ - ଟ୍ରେ ନର୍ସରୀ:





➡ ୧୦ ଡେସିମିଲ୍ ଜମିରେ ତଳି ଲଗାଇବା ପାଇଁ ୧୦ଟି ପ୍ରୋ ଟ୍ରେ ଦରକାର ।

➡ ଗୋଟିଏ ଟ୍ରେରେ ୯୮ଟି କୋଠରୀ ଥାଏ ।



## ଆବଶ୍ୟକ ସାମଗ୍ରୀ :

* କୋକୋପିଟ୍ ଗୁଣ୍ଡ ୮ କିଲୋ
* ଜିଆ ଖତ ୮ କିଲୋ
* ନିମ୍ବ ପିଡ଼ିଆ- ୧ କିଲୋ
* ଆଜୋସ୍ପିରିଲମ୍ - ୫୦ ଗ୍ରାମ୍
* ଫସଫୋବ୍ୟାକ୍ଟେରିଆ- ୫୦ ଗ୍ରାମ୍







ଉପରୋକ୍ତ ସାମଗ୍ରୀ ଗୁଡିକୁ ଗୁଣ୍ଡ କରି ଏକତ୍ର ମିଶାଇ ପ୍ରୋ- ଟ୍ରେକୁ ଭରି ଦିଅନ୍ତୁ ।

କୋକୋ ପିଟକୁ ପ୍ରଥମେ ଗୁଣ୍ଡ କରି ୨୪ ଘଣ୍ଟା ପାଣିରେ ବତୁରାଇ ରଖନ୍ତୁ । ପରଦିନ ଏହାକୁ ଅଳ୍ପ ଶୁଖାଇ ଦେଇ ବ୍ୟବହାର କରନ୍ତୁ ।











## ତଳିପଟିର ସୁରକ୍ଷା

* ଗୃହପାଳିତ ପଶୁପକ୍ଷୀଠାରୁ ।
* ରୋଗ ପୋକ ସଂକ୍ରମଣ ଠାରୁ ।





* ତଳି ଗୁଡିକ ଅତି କୋମଳ ହୋଇଥିବା ଯୋଗୁଁ ଏହାକୁ ସହଜରେ ରୋଗ ଓ ପୋକ ଆକ୍ରମଣ କରିଥାନ୍ତି ।
* ଗ୍ରାମାଞ୍ଚଳରେ ଗୃହପାଳିତ ପଶୁ (ଗାଇ, ଗୋରୁ, ଛେଳି, ମେଣ୍ଢା) ପକ୍ଷୀ (କୁକୁଡା, ବତକ) ଆଦି ତଳିର କ୍ଷତି ଘଟାଇଥାନ୍ତି ।
* ଅତ୍ୟଧିକ ଖରା କିମ୍ବା ବର୍ଷା ହେଲେ ମଧ ତଳି ଗୁଡିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବାର ସମ୍ଭାବନା ଥାଏ । ଏଥିରୁ ରକ୍ଷା ପାଇବା ପାଇଁ ତଳି ପଟିର ସୁରକ୍ଷା ଏକାନ୍ତ ଆବଶ୍ୟକ ।

## ପୋ - ଟେ ର୍ନସରୀ

| ପ୍ରତ୍ୟେକ କୋଠରୀରେ ଗୋଟିଏ କରି ମଞ୍ଜି ପକାନ୍ତୁ | ଏହା ପରେ ଝରା ସାହାଯ୍ୟର ଅଳ୍ପ ମାତ୍ରାରେ ଜଳସିଂଚନ କରନ୍ତୁ । |
|---|---|





### ପ୍ରୋ-ଟ୍ରେ ନର୍ସରୀ କରିବା ଦ୍ୱାରା ଲାଭ

- ✲ କମ ଖର୍ଚ୍ଚ ।
- ✲ ଅଙ୍କୁରଣ ଠିକ ଭାବେ ହୋଇଥାଏ ।
- ✲ ତଳିକୁ ଟ୍ରେରୁ ସହଜରେ ବାହାର କରି ହୁଏ ।
- ✲ ପ୍ରୋ ଟ୍ରେରେ ସମସ୍ତ ମଞ୍ଜି ଅଙ୍କୁରିତ ହୋଇଥାଏ ।
- ✲ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବା ସହଜ ହୁଏ ।
- ✲ ପାଣିପାଗ ଅନୁସାରେ ଟ୍ରେକୁ କେଉଁଠି ବି ରଖା ଯାଇପାରେ ।





# ପନିପରିବା ତଳି ପରିଚାଳନା

## ମଞ୍ଜି ବୁଣିବାର ୧୫ ଦିନପରେ







### *ସମନ୍ୱିତ ପରିଚାଳନା*

* ୧୫ ଲିଟର ପାଣିରେ ୫୦ ମି.ଲି. ମହୁଲାସ୍ତ୍ର ମିଶାଇ ସ୍ପ୍ରେ କରନ୍ତୁ ।

* ଭୂତାଣୁଜନିତ ପତ୍ର ମୋଡ଼ା ରୋଗର ବାହକ ଫଳ ମାଛିଠାରୁ ଦୂରେଇ ରଖିବା ପାଇଁ ମଶାରୀର ବ୍ୟବହାର କରନ୍ତୁ ।

* ୩ ଲିଟର ପାଣିରେ ୧୦ ମି.ଲି ମହୁଲାସ୍ତ୍ର ମିଶାଇ ସ୍ପ୍ରେ କରନ୍ତୁ ।

* ୧୦୦ ମି.ଲି ଦହିକୁ ୩ ଲିଟର ପାଣି ମିଶାଇ ସ୍ପ୍ରେ କରନ୍ତୁ ।



### *ରାସାୟନିକ ପରିଚାଳନା*

* ମୂଳ ସଢ଼ା ରୋଗକୁ ରୋକିବା ପାଇଁ ରିଡ଼ୋମିଲ୍ ୨.୫ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

* ବୀଜାଣୁଜନିତ ଝାଉଁଳା ରୋଗ ପାଇଁ ଷ୍ଟ୍ରେପ୍ଟୋମାଇସିନ୍ ୧ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।






# ଉନ୍ନତ ପଦ୍ଧତିର ବାଇଗଣ ଚାଷ







# ବାଇଗଣ ଚାଷ ସମ୍ବନ୍ଧରେ



★ ବାଇଗଣ ଶୁଷ୍କ ଜମିରେ କମ୍ ଜଳସେଚନରେ ବର୍ଷସାରା ଚାଷ କରାଯାଇ ପାରିବ ।

★ ଚୀନ ପରେ ଭାରତ ବାଇଗଣ ଉତ୍ପାଦନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ।

★ ଭାରତର ବାଇଗଣ ଉତ୍ପାଦନକାରୀ ରାଜ୍ୟମାନେ ହେଲେ ପଶ୍ଚିମବଙ୍ଗ, ଓଡିଶା, କର୍ଣ୍ଣାଟକ, ବିହାର ଓ ମହାରାଷ୍ଟ୍ର ।

## ବାଇଗଣ ଚାଷ ପାଇଁ ଉପଯୁକ୍ତ ଜଳବାୟୁ :

ଓଡ଼ିଶାରେ ୧୫ରୁ ୩୮ଡ଼ିଗ୍ରୀ ତାପମାତ୍ରା ଏବଂ ୧୪୦୦ଏମ୍.ଏମ୍ ଜଳ ପର୍ଯ୍ୟନ୍ତ ଏହାକୁ ଚାଷ କରାଯାଇଥାଏ ।

| ତାପମାତ୍ରା | ଜଳ | ବୁଣିବା ତାପମାତ୍ରା | ଅମଳ ତାପମାତ୍ରା |
|---|---|---|---|
|  |  |  |  |
| ୧୫-୩୮ ଡିଗ୍ରୀ C | ୧୪୦୦ ମି.ଲି | ୧୫-୨୦ ଡ଼ିଗ୍ରୀ C | ୩୦-୩୨ ଡ଼ିଗ୍ରୀ C |

## ଉପଯୁକ୍ତ ମୃତ୍ତିକା :

★ ବାଇଗଣ ପ୍ରାୟ ସମସ୍ତ ପ୍ରକାର ମାଟିରେ କରାଯାଇଥାଏ ।

★ ଏହା ଏକ ଲମ୍ବା ସମୟର ଫସଲ ହୋଇଥିବାରୁ ମୁଖ୍ୟତଃ ନିଗିଡା ଦୋରସା, ଦୋରସା ପଟୁ ମାଟି, ଉର୍ବର ମାଟିରେ ଭଲ ହୋଇଥାଏ ।


★ ଭଲ ଅମଳ ପାଇଁ ମାଟିର ଅମ୍ଳୀୟତା ୫.୫.ରୁ ୬.୬. ହେବା ଆବଶ୍ୟକ ।

# ବଜାରରେ ଉପଲବ୍ଧ କିସମ

ତାରିଣୀ, ସ୍ୱର୍ଣ୍ଣ ପ୍ରତିଭା, ସନ୍-ଗ୍ରୋ ହାଇବ୍ରିଡ୍-୦୩୮, ଅଙ୍କିତା, ଜେକେ-୮୦୩୧, ସେମିନିସ୍- ମଞ୍ଜରି, ଚକ୍ର ସିଦ୍ଧ, ଶ୍ରୀଦୁର୍ଗା, ବିବି-୪୪, ବିବି-୧୧, ଭି.ଏନ୍.ଆର୍-୬୦, ସନ୍‌ଗ୍ରୋ -୧୩୨ ।











# ବାଇଗଣ (ଚାରା ରୋପଣ)

★ ୧୦ ଡେସିମିଲ୍ ଜାଗାରେ ବାଇଗଣ ଚାଷ କରିବା ପାଇଁ ୧୫ ଗ୍ରାମ ବିହନ ଆବଶ୍ୟକ ।

★ ୧୦ ଡେସିମିଲ୍ ଜାଗାରେ ୫-୧୦ କିଗ୍ରା ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ ।

★ ଧାଡିରୁ ଧାଡି ୨.୫ ଫୁଟ ଏବଂ ଚାରାରୁ ଚାରା ୨.୫ ଫୁଟ ଦୂରତାରେ ଗାତ ଖୋଳନ୍ତୁ ।

★ ପ୍ରତ୍ୟେକ ଗାତରେ ୧ କିଲୋ ଗୋବର ଖତ, ୧ ଗ୍ରାମ ଫୋରେଟ୍ ପକାଇ ମାଟିରେ ଭଲ ଭାବେ ମିଶାଇ ଦିଅନ୍ତୁ ।






★ ତଳିକୁ ସିଧାରଖି ରୋପଣ କରନ୍ତୁ ଏବଂ ଭଲଭାବେ ମୂଳର ମାଟିକୁ ଦାବି ଦିଅନ୍ତୁ, ଯେପରିକି ପରବର୍ତ୍ତୀ ସମୟରେ ଚାରା ମୂଳଟି ଖାଲୁଆ ରହି ପାଣି ଜମିବ ନାହିଁ ।

★ ଚାରା ରୋପଣ ସମୟରେ କୌଣସି ରାସାୟନିକ ସାର ପ୍ରୟୋଗ କରନ୍ତୁ ନାହିଁ । ପ୍ରଚଣ୍ଡ ସୂର୍ଯ୍ୟ ତାପରେ ଚାରା ନଷ୍ଟ ହେବାର ସମ୍ଭାବନା ରହିଥାଏ ।

# ଚାରା ରୋପଣର ୧୦ ଦିନ ମଧ୍ୟରେ

### ରାସାୟନିକ ସାର ପରିଚାଳନା



- ନିୟମିତ ଜଳସେଚନ କରନ୍ତୁ ।
- ଷ୍ଟାଟର ସଲ୍ୟୁସନ୍ ପ୍ରସ୍ତୁତ କରନ୍ତୁ (୩୦ ଗ୍ରାମ୍ ଡି.ଏ.ପି.+ ୭୫ ଗ୍ରାମ୍ ଏସ୍. ଏସ୍. ପି.କୁ ୨ ଲିଟର ପାଣିରେ ମିଶାଇ ୧୨ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ)
- ମିଶିଗଲା ପରେ ଏଥିରେ ୧୩ ଲିଟର ପାଣି ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ପ୍ରତି ଗଛର ମୂଳରେ ଗୋଟେ କପ୍ (୨୦୦ ମି.ଲି, ଦିଅନ୍ତୁ ।
- ଲଗାଇବା ପରଠାରୁ ଦିନେ ଛଡା ଦିନେ ଷ୍ଟାଟର ସଲ୍ୟୁସନ୍ ପ୍ରୟୋଗ କରନ୍ତୁ । ୧୦ ଦିନ ଭିତରେ ୨-୩ ଥର ପ୍ରୟୋଗ କରନ୍ତୁ ।

# ଚାରାରୋପଣର ୧୧ରୁ ୧୫ ଦିନ ମଧ୍ୟରେ

### ସମନ୍ୱିତ ପରିଚାଳନା



- କୋଡାଖୋସା ସମୟରେ ପ୍ରତି ଗଛ ପିଛା ୪୦ରୁ ୫୦ ଗ୍ରାମ୍ ପ୍ରାଣାମୃତ ଏବଂ ୨୦ ଗ୍ରାମ୍ ଜିଆଖତକୁ ୪ ଇଞ୍ଚ୍ ଦୂରରେ ରିଙ୍ଗ୍ କରି ପ୍ରୟୋଗ କରନ୍ତୁ ।
- ମାଟି ଚଢ଼ାନ୍ତୁ ଏବଂ ଘାସ ବାଛନ୍ତୁ । କୀଟନାଶକ ଭାବେ ନିମାସ୍ତ୍ର ପ୍ରୟୋଗ କରନ୍ତୁ । ଏହାକୁ ବ୍ୟବହାର କରିବା ଦ୍ୱାରା ଗଛକୁ ଯବକ୍ଷାରଜାନ୍, ଫସ୍‌ଫରସ୍ ଏବଂ ପୋଟାସ୍ ମିଳିଥାଏ ।

### ରାସାୟନିକ ପରିଚାଳନା



- ଡି.ଏ.ପି. ୬ କିଲୋ, ପଟାସ୍ ୬ କିଲୋ ଏବଂ ୟୁରିଆ ୬ କିଲୋକୁ ମିଶାଇ ଗଛ ଠାରୁ ୬ ଇଞ୍ଚ୍ ଦୂରରେ ପ୍ରୟୋଗ କରନ୍ତୁ ।
- ଏକ୍‌ତାରା ୪ ଗ୍ରାମ୍, ରିଡୋମିଲ୍ ୧୦ ଗ୍ରାମ୍ ଏବଂ ଧାନୁଭିଟ୍ ୪ ମି.ଲି ୧୦ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ସ୍ପ୍ରେ କରନ୍ତୁ ।

# ଚାରା ରୋପଣର ୨୫ରୁ ୩୫ ଦିନ ମଧ୍ୟରେ

## ସମନ୍ୱିତ ପରିଚାଳନା

ଚାରାରୋପଣର ୨୨-୨୫ ଦିନରେ: ଜୀବାଣୁ ଜନିତ ଝାଉଁଳା ନହେବା ପାଇଁ ୧୫ ଲିଟର ପାଣିରେ ୫୦୦ ମି.ଲି ଦହି (ମଠାସ୍ର) କୁ ପାଣିରେ ଗୋଳାଇ ସ୍ପ୍ରେ କରିବେ, ଯେପରି ମନ୍ଦାର ମାଟି ଅଂଶ ୧ ଇଞ୍ଚ୍ ଓଦା ରହିବ ।

## ରାସାୟନିକ ପରିଚାଳନା

★ ଏକ୍‌ତାରା ୪ ଗ୍ରାମ୍, ସାଫ୍ ୨୦ ଗ୍ରାମ୍, ଧାନୁଭିଟ୍ ୪ ଏମ୍.ଏଲ୍, ୨୦୦ଗ୍ରାମ୍ ୟୁରିୟା ୧୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

★ ପ୍ରଥମ ସ୍ପ୍ରେର ୨ ଦିନ ପରେ କ୍ରୋସିନ୍ ଏ.ଜି ୧ ଗ୍ରାମ୍, ୨ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

★ ଡି.ଏ.ପି. ୪ କିଲୋ, ୟୁରିଆ ୪ କିଲୋକୁ ମିଶାଇ ଗଛର ୧୦ ଇଞ୍ଚ୍ ଦୂରରେ ପ୍ରୟୋଗ କରନ୍ତୁ ।

★ ମାଟି ଚଢାନ୍ତୁ ଏବଂ ଘାସ ବାଛନ୍ତୁ ।







# ଚାରା ରୋପଣର ୩୫-୪୦ ଦିନ ମଧ୍ୟରେ

**ସମନ୍ୱିତ ପରିଚାଳନା**

* ଚାରା ରୋପଣର ୩୫ ଦିନରେ : କାଣ୍ଡବିନ୍ଧା ଓ ଫଳବିନ୍ଧାରୁ ଗଛକୁ ରକ୍ଷା କରିବା ପାଇଁ ୧୫ ଲିଟର ପାଣିରେ ୫୦୦ ମି.ଲି, ଅଗ୍ନେୟାସ୍ତ୍ର ଗୋଳାଇ ଫସଲରେ ସ୍ପ୍ରେ କରିବା ଆବଶ୍ୟକ ।
* ସମୟ ସମୟରେ ଗଛର ପତ୍ର ହଳଦିଆ ପଡି ଝଡିଯାଏ, ଝାଉଁଳି ଯାଏ, ଏହି ଫିମ୍ପି ଜନିତ ରୋଗର ପ୍ରତିକାର ନିମନ୍ତେ ପ୍ରତି ଲିଟର ପାଣିରେ ୩ ରୁ ୪ମି.ଲି, ହିସାବରେ ମହୁଲାସ୍ତ୍ର ଗୋଳାଇ ସ୍ପ୍ରେ କରନ୍ତୁ ।
* ଫୁଲ ଆସିବା ସମୟରେ ୧୫ ଲିଟର ପାଣିରେ ୫୦ରୁ ୬୦ ମି.ଲି. ଅମୃତ (ଖସା, ଗହମ, ଚଣା, ମୁଗ, ହରଡ, ରୁମା ମଞ୍ଜି ଦ୍ୱାରା ପ୍ରସ୍ତୁତ, ଗାଈ ଗୋବର ମିଶ୍ରଣରେ ପ୍ରସ୍ତୁତ) ସ୍ପ୍ରେ କରନ୍ତୁ ।

**ରାସାୟନିକ ପରିଚାଳନା**

ଫୁଲ ଆସିବା ସମୟରେ ପ୍ଲାନୋଫିକ୍ସ ୧ ମି.ଲି କୁ ୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ମାପିବା ପାଇଁ ଇଞ୍ଜେକ୍ସନ୍ ସିରିଞ୍ଜର ବ୍ୟବହାର କରନ୍ତୁ । ଧ୍ୟାନ ଦେବେ ଯେପରିକି ମାତ୍ରା ଅଧିକ ନ ହୁଏ, ନଚେତ ପୁରା ଫସଲ ନଷ୍ଟ ହୋଇଯିବ ।



| | |
|---|---|
| ଚାରାରୋପଣର ୪୦ ଦିନରେ : | ୨ୟ କୋଡାଖୋସା ଓ ସାର ପ୍ରୟୋଗ ସମୟରେ- ★ ୧୦ ଡିସିମିଲ୍ ପ୍ରତି ୨୫ କିଗ୍ରା ପ୍ରାଣାମୃତ ଏବଂ ୨୦ କିଗ୍ରା ଜିଆଖତକୁ ମିଶାଇ ପ୍ରୟୋଗ କରନ୍ତୁ । ★ ଗଛରେ କାଣ୍ଡ/ମୂଳସଢା ନ ଲାଗିବା ପାଇଁ ମହୁଲାସ୍ତ୍ର ପ୍ରତି ଲିଟର ପାଣିରେ ୩-୪ ମି.ଲି ଗୋଳାଇ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୪୨ ଦିନରେ : | କାଣ୍ଡବିନ୍ଧା ନ ହେବା ପାଇଁ ୧୫ ଲିଟର ପାଣିରେ ୫୦୦ ମିଲି ଆଗ୍ନେୟାସ୍ତ୍ର ଗୋଳାଇ ଫସଲରେ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୪୪ ଦିନରେ : | ଅମୃତ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୫୦ ଦିନରେ: | କାଣ୍ଡବିନ୍ଧା ଓ ଫଳବିନ୍ଧା ରୋଗରୁ ରକ୍ଷା ପାଇବା ପାଇଁ ୧୫ ଲିଟର ପାଣିରେ ୫୦୦ ମି.ଲି ଆଗ୍ନେୟାସ୍ତ୍ର ଗୋଳାଇ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୫୫ ଦିନରେ: | ଅମୃତ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୬୧ ଦିନରେ: | ଆଗ୍ନେୟାସ୍ତ୍ର ସ୍ପ୍ରେ କରନ୍ତୁ । |

# ବାଇଗଣରେ ହେଉଥିବା ମୁଖ୍ୟ ରୋଗ ଏବଂ ପୋକ

## କାଣ୍ଡ ଏବଂ ଫଳବିନ୍ଧା ପୋକ:


କାଣ୍ଡ ଓ ଫଳବିନ୍ଧା ପୋକ ବାଇଗଣ ଫସଲର ସବୁଠୁ କ୍ଷତିକାରକ ପୋକ । ଏହା ପ୍ରାୟତଃ ସବୁ ବାଇଗଣ ଚାଷ ହେଉଥିବା ଅଞ୍ଚଳରେ ଦେଖାଯାଏ । ଏହି ପୋକଜନିତ କ୍ଷତି ବାଇଗଣ ଚାଷ ପାଇଁ ଏକ ମୁଖ୍ୟ ପ୍ରତିବନ୍ଧକ ସାଜିଥାଏ । କାଣ୍ଡ ଓ ଫଳ ବିନ୍ଧାପୋକ ମୁଖ୍ୟତଃ ଶୁକ (ଲାର୍ଭା) ଅବସ୍ଥାରେ ଫସଲରେ କ୍ଷତି କରେ । ପୂର୍ଣ୍ଣାଙ୍ଗ ପୋକଟି ପ୍ରାୟ ୧୫ ମି.ମି. ଲମ୍ବା । ଏହାର ଡେଣାର ରଙ୍ଗ ଧଳା ଓ ଧାରରେ ବାଇଗଣୀ ରଙ୍ଗର ଝାଲର ଥାଏ । ଗୋଟିଏ ପୂର୍ଣ୍ଣାଙ୍ଗ ପ୍ରାୟ ୧୫୦ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ । ୩ରୁ ୭ ଦିନ ମଧ୍ୟରେ ଅଣ୍ଡା ଗୁଡିକ ଫୁଟେ । ସାଧାରଣତଃ ଭୋରରୁ ସକାଳ ୮ଟା ମଧ୍ୟରେ ଅଣ୍ଡା ଫୁଟେ । ସଦ୍ୟଜାତ ଶୂକଗୁଡିକ ଗଛର ଚାରିଆଡେ ଚଲାବୁଲା କରି କିଛି କ୍ଷଣ ପରେ କଢ, ଫୁଲବୃନ୍ତ ଓ ଫଳର ବୃନ୍ତି କୋଣ ଇତ୍ୟାଦି ସନ୍ଧିସ୍ଥାନରେ ରହନ୍ତି । ତା ପରେ ଶୂକ ଗଛର କଅଁଳିଆ ଶାଖା ବା ଡାଳର ଅଗ୍ରଭାଗରେ କୌଣସି ସ୍ଥାନରେ କଣାକରି ଭିତରେ ପ୍ରବେଶ କରେ ଓ ଭିତର ଅଂଶକୁ ଖାଇ ସୁଡଙ୍ଗ ପରି କରିଦିଏ । ଫଳରେ କଅଁଳିଆ ଡାଳ ଝାଉଁଳି ପଡେ ଓ ଶୁଖିଯାଏ । ସୁସ୍ଥ ଓ ନରମ ଅଗଡାଳ ଝାଉଁଳି ପଡିବା ଏହି କୀଟ ଆକ୍ରମଣର ଏକ ବିଶେଷ ଲକ୍ଷଣ । ଫଳ ଅବସ୍ଥାରେ ଶୂକ, ଫଳର ବୃନ୍ତି ତଳପାଖରେ ଛିଦ୍ରକରି ଭିତରକୁ ପ୍ରବେଶ କରେ ଓ ଭିତର ଅଂଶକୁ ଖାଇ ବଢେ । ଏହା ଫଳ ଭିତରେ ଗୋଟିଏ ସୁଡଙ୍ଗ କରି ସେଥିରେ ରହେ ଓ ମଳତ୍ୟାଗ କରେ, ଯଦ୍ୱାରା ଆକ୍ରାନ୍ତ ଫଳ ଖାଦ୍ୟ ଅନୁପଯୋଗୀ ହୋଇଯାଏ । ବେଳେବେଳେ ଏହା ପତ୍ର ବୃନ୍ତକୁ ଆକ୍ରମଣ କରେ । ଏଣୁ ପତ୍ର ଝାଉଁଳିଯାଏ । କଢ଼ ଓ ଫୁଲଗୁଡିକ ମଧ୍ୟ ଏହି ଶୂକ ଦ୍ୱାରା ଆକ୍ରାନ୍ତ ହେବାର ଦେଖାଯାଏ । ତା' ପରେ ଶୂକଟି ବାହାରକୁ ଆସି ଗଛରୁ ଝଡି ପଡିଥିବା ପତ୍ର ମଧ୍ୟରେ ରେଶମୀ ଖୋସା କରି ପ୍ୟୁପା ଅବସ୍ଥାରେ ୮-୧୦ ଦିନ ରହେ । ଏହାପରେ ପୂର୍ଣ୍ଣାଙ୍ଗଟି ବାହାରିଯାଏ । ଜୀବନଚକ୍ର ୨୧-୪୧ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହୁଏ ।




# ପ୍ରତିକାର

## ସମନ୍ୱିତ ପରିଚାଳନା







| କୀଟନାଶକର ନାମ | ମାତ୍ରା |
|---|---|
| ହାଣ୍ଡିଖତ | ୧ ଲିଟର ପାଣିରେ ୩୦ ମି.ଲି |
| ଆଗ୍ନେୟାସ୍ତ୍ର | ୫୦ ଲିଟର ପାଣିରେ ୧.୫ ମି.ଲି |
| ସଙ୍ଗ ଆକର୍ଷକ ଯନ୍ତ୍ର(ଫେରୋମନ୍ ଟ୍ରାପ୍) | ୪-୦୬ ପ୍ରତି ଏକର |
| ଟ୍ରାଇକୋକାର୍ଡ | ଏକର ପିଛା ୨ରୁ ୩ ଟ୍ରାଇକୋଗ୍ରାମ । ଚିଲୋନିସ୍ ପ୍ରଜାତିର |
| ଆଲୋକ ଯନ୍ତା | ଏକର ପିଛା ୨ରୁ ୩ଟି |

## ରାସାୟନିକ ପରିଚାଳନା




| କୀଟନାଶକର ନାମ | ହେକ୍ଟର ପ୍ରତି ମାତ୍ର |
|---|---|
| ନିମ୍ବ ଆଧାରିତ ବିଷ (୧%) | ୧-୧.୫ ଲିଟର |
| ସାଇପର୍‌ମେଥ୍ରିନ୍ ୧୦% ଇ.ସି. | ୧୫୦-୪୦୦ମି. ଲି. |
| ଫେନ୍‌ଭାଲ୍‌ରେଟ୍ ୨୦% ଇ.ସି. | ୩୭୫-୫୦୦ମି.ଲି. |
| ଲାମ୍ୱଡା- ସାଇହାଲୋଥ୍ରିନ୍ ୫% ଇ.ସି. | ୪୦୦-୬୦୦ମି.ଲି, |
| କ୍ୱିନାଲ୍‌ଫସ୍ ୨୫% ଇ.ସି. | ୧ ଲିଟର |
| ଥାଓଡିକାର୍ବ ୭୫% ଡବ୍ଲୁ.ପି. | ୫୦୦-୧୦୦୦ ଗ୍ରାମ୍ |
| ଟ୍ରାୟାଜୋଫସ୍ ୪୦% ଇ.ସି. | ୧ ଲିଟର |

# ବାଇଗଣର ଶୋଷକ କୀଟ



ଜଉପୋକ



ମିଲିବଗ



ନାଲିବୁଢିଆଣୀ



ଡିଆଁ ପୋକ ବା ହୋପର

ଉପରୋକ୍ତ ଶୋଷକ କୀଟମାନେ ପତ୍ର ତଳେ, ପତ୍ରଶିରା ଆଦିରେ ରହି ରସ ଶୋଷିଥାନ୍ତି ଏବଂ ବଂଶବୃଦ୍ଧି କରିଥାନ୍ତି । ଏହାଦ୍ୱାରା ପତ୍ରଟି ଶୁଖିଯାଏ, ମୋଡିହୋଇଯାଏ କିମ୍ବା ବଢେ ନାହିଁ ଯାହାଫଳରେ ଅମଳ ହ୍ରାସ ପାଇଥାଏ ।

# ପ୍ରତିକାର

### ସମନ୍ୱିତ ପରିଚାଳନା

★ ଅଧିକ କ୍ଷତିଗ୍ରସ୍ତ ଗଛ କିମ୍ବା ଗଛର ଅଂଶକୁ ବାହାର କରି ଦିଅନ୍ତୁ ।

★ ବାଇଗଣ କ୍ଷେତରେ ଉଠିଥିବା ଘାସକୁ ସଫା କରନ୍ତୁ ।

★ ଶୋଷକ କୀଟ ନ ଆସିବା ପାଇଁ ବାଇଗଣ ଗଛରେ ପ୍ରତି ସପ୍ତାହ ହାଣ୍ଡିଖତ ୩୦ ମି.ଲି ପ୍ରତି ଲିଟର ପାଣିରେ ମିଶାଇ ଭଲ ଭାବେ ପତ୍ରର ଉପର ଏବଂ ତଳପାର୍ଶ୍ୱରେ ସ୍ପ୍ରେ କରନ୍ତୁ ।

### ରାସାୟନିକ

★ ମିଥାଇଲ୍ ଡେମେଟନ୍ ୨୫ ଇସି ୧ ମି.ଲି ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

କିମ୍ବା

ମାଲାଥିଅନ୍ ୫୦ ଇସି ୨ ମି.ଲି ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରାଳରେ ସ୍ପ୍ରେ କରନ୍ତୁ ।

# ବାଇଗଣର ସୂତ୍ର କୃମି

ସମନ୍ୱିତ ପରିଚାଳନା



ଏହାର ଆକ୍ରମଣ ଫଳରେ ଗଛର ଚେରରେ ଗ୍ରନ୍ଥି ବା ଗଲ୍ ସୃଷ୍ଟି ହୁଏ । ଫଳରେ ଗଛର ବୃଦ୍ଧି ବାଧା ପ୍ରାପ୍ତ ହୁଏ । ପତ୍ର ହଳଦିଆ ପଡ଼ିଯାଏ, ଉଚ୍ଚତା କମିଯାଏ, ଗଛଟି ମରିଯାଏ ଓ ଅମଳ ହ୍ରାସ ପାଏ । ଚାରା ରୋପଣର ୨୦ ଦିନପରେ ହେକ୍ଟର ପିଛା ୨୫୦ କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଫଳବିନ୍ଧା, ପତ୍ର ସୁଡ଼ଙ୍ଗ ଓ ସୂତ୍ରକୃମିଙ୍କ ଆକ୍ରମଣକୁ ପ୍ରତିହତ କରାଯାଇପାରିବ । ଫସଲ ପରିବର୍ତ୍ତନ କରନ୍ତୁ । ସବୁବେଳେ ଗୋଟିଏ ଫସଲ ଗୋଟିଏ ଜମିରେ କରିବା ଦ୍ୱାରା ସୂତ୍ର କୃମି ସଂଖ୍ୟା ବଢ଼ିଯାଏ । ପ୍ରତିବର୍ଷ ଖରାଟିଆ ହଳ କରନ୍ତୁ କାରଣ ସୂର୍ଯ୍ୟ କିରଣ ରେ ସୂତ୍ର କୃମି ମାନେ ମରି ଯାଇଥାନ୍ତି । ଏବଂ ବଂଶ ବିସ୍ତାର କରିପାରି ନଥାନ୍ତି ।

ରାସାୟନିକ

ଚାରା ରୋପଣର ୧୫ ଦିନ ମଧ୍ୟରେ ୨.୫ କିଲୋ କାର୍ବୋଫ୍ୟୁରାନ୍ - ୩ଜି ର ପ୍ରୟୋଗ କରନ୍ତୁ ।

# ବାଇଗଣରେ ହେଉଥିବା ମୁଖ୍ୟ ରୋଗ



## ଫିମ୍ପି ଜନିତ ଝାଉଁଳା ରୋଗ :

ଏହା ଏକ ମୃତ୍ତିକାଜାତ ରୋଗ ଯାହାର ସଂକ୍ରମଣରେ ପତ୍ର ମୋଡ଼ି ହେଇଯାଏ, ପତ୍ର ଝାଉଁଳି ଯାଏ, ପତ୍ରର ରଙ୍ଗ ପରିବର୍ତ୍ତନ ହେଇଯାଏ କ୍ରମଶଃ ଶୁଖିଯାଏ ଏବଂ ଝଡ଼ିପଡ଼େ ।



## ଫିମ୍ପିଜନିତ ପତ୍ର ଦାଗ :

ପତ୍ରରେ ବାଦାମୀ ରଙ୍ଗର ଦାଗ ଦେଖାଯାଏ, ଦାଗଟି କ୍ରମଶଃ ବଡ଼ହୋଇ ପତ୍ରରେ ମାଡ଼ିଯାଏ, ପରବର୍ତ୍ତୀ ସମୟରେ ପତ୍ରଟି ଝଡ଼ିପଡ଼େ ଯାହାଦ୍ୱାରା ଅମଳ ବହୁମାତ୍ରାରେ ହ୍ରାସପାଏ ।



**ଫିମ୍ପିଜନିତ ଫଳ ପଚା ରୋଗ :** ଏହା ଏକ ବିହିନଜାତ ରୋଗ ଅଟେ । ସଂକ୍ରମିତ ଗଛଦ୍ୱାରା ମଧ୍ୟ ଏହା ବ୍ୟାପି ଥାଏ । ବିହନ ବିଶୋଧନ ନ କରି ତଳି ପକାଇଲେ ଏପରି ସମସ୍ୟା ଦେଖାଯାଏ ।

# ପ୍ରତିକାର

- ୮ ରୁ ୧୦ ଦିନ ଅନ୍ତରାଳରେ ୫୦ ରୁ ୬୦ ମି.ଲି ମହୁଲାସ୍ତ୍ର ୧୫ ଲିଟର ପାଣିରେ ମିଶାଇ ଗଛରେ ସ୍ପ୍ରେ କରନ୍ତୁ ।
- ମାନ୍ୟତା ପ୍ରାପ୍ତ ଏବଂ ଫିମ୍ପିଜନିତ ରୋଗ ସହନୀୟ ବିହନର ବ୍ୟବହାର କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ବିହନକୁ ଗାଇ ପରିଶ୍ରାରେ କିମ୍ଵା ବିଜାମୃତରେ ଏବଂ ଜୀବାଣୁ ସାରରେ ବିଶୋଧନ କରନ୍ତୁ ।

## ଫିମ୍ପିଜନିତ ପାଉଁସିଆ ରୋଗ



- ପତ୍ର ଉପରେ ଧଳାଗୁଣ୍ଡ ଏବଂ ଧଳା ଆବରଣ ଦେଖା ଯାଇଥାଏ ।
- ଏହା ଏକ ଫିମ୍ପି ଯାହା ଉଭୟ ଥଣ୍ଡା ଏବଂ ଗରମ ଜଳବାୟୁରେ ବଢ଼ିପାରେ ।
- ଏହା ପତ୍ରର ଉଭୟ ପାର୍ଶ୍ୱରେ ଦେଖାଯାଏ ଏବଂ କ୍ରମଶଃ କାଣ୍ଡ ପର୍ଯ୍ୟନ୍ତ ସଂକ୍ରମଣ ହୋଇଯାଏ ।
- ପତ୍ର କ୍ରମଶଃ ହଳଦିଆ ରଙ୍ଗରେ ପରିବର୍ତ୍ତନ ହୋଇ ଝଡ଼ିପଡ଼େ ଏବଂ ଅମଳ ହ୍ରାସ ହୋଇଯାଏ ।

## ମୂଳସଢ଼ା ରୋଗ :

- ମୂଳଟି ସଢ଼ିଯାଏ ଏବଂ କ୍ରମଶଃ ଗଛଟି ଝାଉଁଳିଯାଇ ମରିଯାଏ ।

# ପ୍ରତିକାର

### *ସମନ୍ୱିତ ପରିଚାଳନା*

- ପ୍ରଥମେ ଆକ୍ରାନ୍ତପତ୍ର କୁ ଗଛରୁ ବାହାର କରିଦିଅନ୍ତୁ ।
- ମୂଳସଢ଼ା ହେଲେ ଗଛଟିକୁ ଉପାଡ଼ି ଦିଅନ୍ତୁ ଏବଂ ଖେତ ଚାରିପାଖ ଏବଂ ଗଛମୂଳ ପରିଷ୍କାର କରନ୍ତୁ ।
- ମାନ୍ୟତା ପ୍ରାପ୍ତ ଏବଂ ଫିମ୍ପିଜନିତ ରୋଗ ସହନୀୟ ବିହନ ବ୍ୟବହାର କରନ୍ତୁ ।
- ୮ ରୁ ୧୦ ଦିନ ଅନ୍ତରାଳରେ ୫୦ ରୁ ୬୦ ମି.ଲି ମହୁଲାସ୍ତ୍ର ୧୫ ଲିଟର ପାଣିରେ ମିଶାଇ ଗଛରେ ସ୍ପ୍ରେ କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ବିହନକୁ ଗୋମୂତ୍ର ବା ବିଜାମୃତ ଏବଂ ଜୀବାଣୁସାରରେ ବିଶୋଧନ କରନ୍ତୁ ।

### *ରାସାୟନିକ ପରିଚାଳନା*

- ୧୦ ଗ୍ରାମ ରିଡ଼ୋମିଲ୍ କୁ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳରେ ସ୍ପ୍ରେ କରନ୍ତୁ ।

# ଉନ୍ନତ ପଦ୍ଧତିରେ କୋବି ଚାଷ













# କୋବି ଚାଷ ସମ୍ବନ୍ଧରେ

## କୋବି ଚାଷ ପାଇଁ ଉପଯୁକ୍ତ ଜଳବାୟୁ:

ଆମ ରାଜ୍ୟର ସମସ୍ତ ଅଞ୍ଚଳରେ ଶୀତଦିନରେ ଫୁଲକୋବି ଚାଷ ହୋଇଥାଏ । ଶୀତଳ ଆର୍ଦ୍ର ଜଳବାୟୁରେ ଫୁଲକୋବି ଚାଷ ଭଲ ହୁଏ । କିନ୍ତୁ ଏହା ଅତି କମ୍ ବା ଅତି ଉଚ୍ଚ ଉତ୍ତାପ ସହ୍ୟ କରିପାରେ ନାହିଁ । ଗଛ ବଢୁଥିବା ସମୟରେ ଉତ୍ତାପ ବଢିଗଲେ ଫୁଲ ହୁଏ ନାହିଁ ।

ଏହି ଚାଷ ବର୍ଷାଋତୁରେ ନିଗଡା ଜମିରେ ମଧ୍ୟ କରାଯାଇପାରେ ।

## ଉପଯୁକ୍ତ ମୃତ୍ତିକା:

- ★ ନିଗିଡା, ଉର୍ବର, ଦୋରସା ମାଟି ଏହି ଚାଷ ପାଇଁ ଉପଯୁକ୍ତ ।
- ★ ମାଟିରେ ଯଥେଷ୍ଟ ପରିମାଣରେ ଜୈବିକ ପଦାର୍ଥ ରହିଲେ ଫସଲ ଭଲ ହୋଇଥାଏ । ଅମ୍ଳୀୟ ମାଟିରେ ଫୁଲକୋବି ଭଲ ହୁଏନାହିଁ ।
- ★ ଭଲ ଅମଳ ପାଇଁ ମାଟିର ଅମ୍ଳୀୟତା ୫.୫ ରୁ ୬.୬ ହେବା ଆବଶ୍ୟକ ।

## ବିହନ:

- ★ ୧୦ ଡ଼େସିମିଲ୍ ଜମି ପାଇଁ ୨୦ଗ୍ରାମ ବିହନ ଆବଶ୍ୟକ ।

## ବିହନ ବିଶୋଧନ:

- ★ ବିହନକୁ ବିଜାମୃତରେ ପକାଇ ସଙ୍ଗେ ସଙ୍ଗେ ଉଠାଇ ଛାଇରେ ଶୁଖାନ୍ତୁ ।
- ★ ଟ୍ରାଇକୋଡର୍ମା- ଭିରିଡ଼େ ଅଧା ଗ୍ରାମ୍ କିମ୍ବା ସୁଡୋମୋନାସ୍ ଫ୍ଲୁରୋସେନ୍ସ ୧ ଗ୍ରାମ୍‌ରେ ବିହନ ବିଶୋଧନ କରନ୍ତୁ ।
- ★ ବିହନରେ ୧୦ ଗ୍ରାମ୍ ଆଜୋସ୍ପିରିଲମ୍‌କୁ ପେଜରେ ମିଶାଇ ବିହନକୁ ଉପଚାର କରନ୍ତୁ ।



# ବଜାରରେ ଉପଲବ୍ଧ କିସମ

## ଫୁଲକୋବି

| କିସମ | ଉନ୍ନତ | ଶଙ୍କର |
| --- | --- | --- |
| ସଅଳ (୬୦-୭୫ଦିନ) | ପୁଷା ଆର୍ଲିସିନ୍ଥେଟିକ୍, କାର୍ତ୍ତିକା, ଆର୍ଲି କୁଆଁରୀ, ପୁଷା ଦୀପାଳୀ | ଶ୍ୱେତା, ପୁଷ୍ପଗିରି, ତୁଷାର, ଗୁଡମ୍ୟାନ |
| ମଧ୍ୟମ (୭୫-୯୦ଦିନ) | ମାର୍ଗଶିରା, ପୁଷ ଶାରଦା, ପୁଷା କଟକୀ, ଅପରାଜିତା, | ପୁଷା ହାଇବୀଡ-୨, ଆମାଜିଙ୍ଗ, ମହିମା |
| ବିଳମ୍ବ (୯୦ଦିନରୁ ଅଧିକ) | ପୁଷା ଶୁଭଦ୍ରା, ପୁଷା ସିନ୍ଥେଟିକ, ପୁଷା ସ୍ନୋବଲ-୧, ସ୍ନୋବଲ-୧୬, | ଲେଟମ୍ୟାନ, ରିମା, କିବୋ ଜିଆଣ୍ଟ |

| କମ୍ପାନୀ | ପ୍ରକାର (ସଅଳ) | ମଧ୍ୟମ | ବିଳମ୍ବ |
| --- | --- | --- | --- |
| ନୁଜୀବୀଡୁ | ୨୫୦ | - | - |
| ନୋବେଲ୍ | ସ୍ମୃତି | ୨୫୧ | - |
| ସେମିନିସ୍ | ୧୪୫୧ | ମେଘା | ବରଖା |
| ନାମଧାରୀ | ୧୪୪୮ | ୬୦ଏନ୍. | ୧୦୨ |
| ଶାକତା | ମବଲ | କଣ୍ଟେସା | ହ୍ୱାଇଟ୍ ଫ୍ଲାସ୍ |
| ସିଞ୍ଜେଣ୍ଟା | ୧୫୨୨ | ସ୍ନୋ ହ୍ୱାଇଟ୍ | |

ବନ୍ଧାକୋବି

| କିସମ | ଉନ୍ନତ | ଶଙ୍କର |
| --- | --- | --- |
| ସଅଳ (୬୦-୭୫ ଦିନ) | ଗୋଲେଡେନ ଏକର, ପ୍ରାଇଡ୍ ଅଫ୍ ଇଣ୍ଡିଆ, ପୁଷା ସମ୍ବନ୍ଧ | ଗ୍ରୀନବଲ, ପ୍ରିୟା, ଜେନିଥ ଗୋଲ୍ଡାଷ୍ଟାର, ପ୍ରଗତି |
| ମଧ୍ୟମ (୭୫-୯୦ ଦିନ) | ଗ୍ଲୋରି ଅଫ୍ ଇକ୍ୟୁଜିହାନ୍, କୋପେନ ହେଗେନ ମାର୍କେଟ | ଉନ୍ନତି ଗୀନସମ୍ରାଟ, ଗାଇଡ୍ ଅନ୍, ରମଡା |
| ବିଳମ୍ବ (୯୦-୧୨୦ଦିନ) | ପୁଷା ଡ୍ରମ୍ ହେଡ, ସେପ୍ଟେମ୍ବର | ଫିଲ୍ଡ, ରକେଟ, ବୀଜୋ ଶୀତଳ ୩୨ ପ୍ରାଇମେରୋ ରେଷଡ ବେବି, ଇଣ୍ଡିଗୋ |

| କମ୍ପାନୀ | ପ୍ରକାର (ସଅଳ) | ମାଧ୍ୟମ | ବିଳମ୍ବ |
| --- | --- | --- | --- |
| ନାମଧାରୀ | ଏନ୍.ଏସ୍-୪୩ | | |
| ଟୋକିଟା | ବ୍ଲୁଜାୟା | ହରେ କ୍ରୀଷ୍ଣା | |
| ସେଞ୍ଚୁରୀ | - | - | କୋଣାର୍କ |
| ସେମିନିସ | - | - | ଇନ୍ଦୁ |

# ଜମି ପ୍ରସ୍ତୁତି ଚାରା ରୋପଣ ଏବଂ ସାର ପ୍ରୟୋଗ









★ ଫୁଲକୋବି ପାଇଁ ଜମି ଭଲ ଭାବେ ହଳ ହେବା ଆବଶ୍ୟକ ।

★ ୨-୩ ଥର ହଳ କରି ଭଲ ଭାବରେ ମାଟିକୁ ଗୁଣ୍ଡ କରନ୍ତୁ ।

★ ଶେଷଓଡ ହଳ ବେଳେ ଏକର ପିଛା ୧୦-୧୨ ଗାଡି ସଢା ଗୋବରଖତ ବିଲରେ ଦେଇ ମାଟିରେ ମିଶାଇ ଦିଅନ୍ତୁ ।

★ ସଅଳ କିସମ ପାଇଁ ଦୁଇ ଧାଡି ଭିତରେ ବ୍ୟବଧାନ ୪୫ ସେ.ମି ଓ ଗଛକୁ ଗଛ ବ୍ୟବଧାନ ୩୦ ସେ.ମ, ମଧ୍ୟମ କିସମ ପାଇଁ ଗଛକୁ ଗଛ ଓ ଧାଡିକୁ ଧାଡି ୪୫ ସେ.ମ ଓ ବିଳମ୍ବ କିସମ ପାଇଁ ଧାଡିକୁ ଧାଡି ୬୦ ସେ.ମ ଓ ଗଛକୁ ଗଛ ୬୦ ସେ.ମ ରଖି ତଳି ରୁଅନ୍ତୁ ।

★ ତଳି ରୋଇବା ପୂର୍ବରୁ ଏକର ପିଛା ୨୦୦ କିଲୋ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଓ ୪୦ କିଲୋ ମ୍ୟୁରେଟ୍ ଅଫ୍ ପଟାସ୍ ସାର ଦେଇ ମାଟିରେ ମିଶାଇ ଦିଅନ୍ତୁ ।

★ ସାଧାରଣତଃ ଉପରବେଳା ତଳି ଉପାଡି ବିଲରେ ଲଗାନ୍ତୁ ଏବଂ ଲଗାଇ ସାରିବା ପରେ ପାଣି ଦିଅନ୍ତୁ । ଲଗାଇବାର ୧ ସପ୍ତାହ ପରେ ଏକର ପିଛା ୪୪ କିଲୋ ୟୁରିଆ ଗଛ ଚାରିପଟେ ଦେଇ ଦିଅନ୍ତୁ ।

★ ରୋଇବାର ୩୦ ଦିନ ପରେ ପୁଣିଥରେ କୋଡାଖୋସା ସମୟରେ ପ୍ରତି ଗଛ ପିଛା ୪୦ରୁ ୫୦ ଗ୍ରାମ୍ ପ୍ରାଣାମୃତ ଏବଂ ୨୦ ଗ୍ରାମ୍ ଜିଆଖତକୁ ୪ ଇଞ୍ଚ୍ ଦୂରରେ ରିଙ୍ଗ୍ କରି ପ୍ରୟୋଗ କରନ୍ତୁ ।

★ ଏକର ପିଛା ୪୪ କିଲୋ ୟୁରିଆ ଦେଇ ହୁଡା ଟେକି ଦିଅନ୍ତୁ ।

★ ଶେଷଥର ଏକର ପିଛା ୪୪ କିଲୋ ୟୁରିଆ ସାର, ଲଗାଇବାର ୪୫ ଦିନ ପରେ ପ୍ରୟୋଗ କରନ୍ତୁ ।

★ ଏହାଦ୍ୱାରା କଢ ଶିଘ୍ର ବାହାରିବ ଓ ଆକାରରେ ମଧ୍ୟ ବଡ ହେବ ।

# ମୁଖ୍ୟରୋଗ

## ସମନ୍ୱିତ ପରିଚାଳନା



**ମୂଳସଢା ରୋଗ:** ଏହା ଏକ ମାଟି ଜାତ ରୋଗ । ଏହାଦ୍ୱାରା କାଣ୍ଡର ମୂଳଭାଗ ସଢିଯାଏ । ଏହି ରୋଗ ମାଟି ଭିତରେ ଥାଏ, ଯାହାକି ଅନୁକୂଳ ପରିବେଶ ପାଇଲେ ବଢିଥାଏ ।

**ଲକ୍ଷଣ:** ମୂଳ ସଢିଯାଏ ଏବଂ ଗଛଟି ମୂଳରୁ ଭାଙ୍ଗିପଡେ ।

**ପ୍ରତିକାର :**

- ★ ଖରାଟିଆ ହଳ ସମୟରେ ସଢା ଗୋବର ପ୍ରୟୋଗ କଲେ ଏହି ରୋଗ କମି ଯାଇଥାଏ ।
- ★ ପାଣି ନ ଜମିଲେ ଏହି ରୋଗ କମି ଯାଇଥାଏ ।
- ★ ଯେଉଁ ଗଛ ଆକ୍ରାନ୍ତ ହୋଇଯାଇଥାଏ ତାକୁ ମାଟି ସହ ଉପାଡି ଦୂର ସ୍ଥାନରେ ପକାନ୍ତୁ ।
- ★ ଏହି ରୋଗରେ ସଠାସ୍ତ୍ର ପ୍ରୟୋଗ ଲାଭଦାୟକ ।

**ସଠାସ୍ତ୍ର ପ୍ରସ୍ତୁତି ପ୍ରଣାଳୀ:**

୨ ଲିଟର ପାଣିରେ ୨୦୦ ଗ୍ରାମ ଶୁଣ୍ଠି ପକାଇ ଚୁଲିରେ ଫୁଟାନ୍ତୁ ଯେପରି ୧ ଲିଟର ପାଣି ବଳକା ରହିବ । ଏହାପରେ ଅନ୍ୟ ଏକ ପାତ୍ରରେ ୨ରୁ ୩ ଲିଟର କ୍ଷୀରକୁ ଗରମ କରନ୍ତୁ ଏବଂ ଥଣ୍ଡା ହେଲା ପରେ ସରକୁ କାଢି ପୂର୍ବ ମିଶ୍ରଣରେ ମିଶାନ୍ତୁ ।

## ରାସାୟନିକ ପରିଚାଳନା

ମୂଳସଢା ଯଦି ଫୁଲକୋବି ଏବଂ ବନ୍ଧାକୋବିରେ ହୁଏ (୨ ଗ୍ରାମ୍ ରିଡୋମିଲ୍ ଗୋଲ୍ଡ) + (୧ଗ୍ରାମ୍ ପ୍ଲାଣ୍ଟୋମାଇସିନ୍) କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।



# ମୁଖ୍ୟ ରୋଗ

## ସମନ୍ୱିତ ପରିଚାଳନା





### ବୀଜାଣୁ ଜନିତ ଫଳପଚା ହେଲେ:

★ ଫସଲ ପରିବର୍ତ୍ତନ କରନ୍ତୁ ଅର୍ଥାତ ସେହି ଜମିରେ ପରବର୍ତ୍ତୀ ସମୟରେ କୋବିକୁ ଛାଡି ଅନ୍ୟ ଫସଲ କରନ୍ତୁ ।

★ ବର୍ଷାଦିନେ ଫସଲ କରୁଥିଲେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।

### ପାଉଁସିଆ ରୋଗ ବା ପାଉଡରୀ ମିଲଡ୍ୟୁ :

★ ପତ୍ର ଉପରେ ଧଳା ଗୁଣ୍ଡ ଏବଂ ଧଳା ଆବରଣ ଦେଖାଯାଇଥାଏ ।

★ ଏହା ଏକ ଫିମ୍ପି ଯାହା ଉଭୟ ଥଣ୍ଡା ଏବଂ ଗରମ ଜଳବାୟୁରେ ବଢିପାରେ ।

★ ଏହା ପତ୍ରର ଉଭୟ ପାର୍ଶ୍ୱରେ ଦେଖାଯାଏ ଏବଂ କ୍ରମଶଃ କାଣ୍ଡ ପର୍ଯ୍ୟନ୍ତ ସଂକ୍ରମଣ ହୋଇଥାଏ ।

★ ପତ୍ର କ୍ରମଶଃ ହଳଦିଆ ରଙ୍ଗରେ ପରିବର୍ତ୍ତନ ହୋଇ ଝଡିପଡେ ଏବଂ ଅମଳ ହ୍ରାସ ହୋଇଥାଏ ।

### ପ୍ରତିକାର:

★ ପ୍ରଥମେ ଆକ୍ରାନ୍ତ ପତ୍ରକୁ ଗଛରୁ ବାହାର କରିଦିଅନ୍ତୁ ।

★ ମୂଳସଢା ହେଲେ ଗଛଟିକୁ ଉପାଡି ଦିଅନ୍ତୁ ।

★ ଖେତ ଚାରିପାଖ ଏବଂ ଗଛମୂଳ ପରିଷ୍କାର କରନ୍ତୁ ।

★ ମାନ୍ୟତା ପ୍ରାପ୍ତ ଏବଂ ଫିମ୍ପିଜନିତ ରୋଗ ସହନୀୟ ବିହନ ବ୍ୟବହାର କରନ୍ତୁ ।

★ ୮ରୁ ୧୦ ଦିନ ଅନ୍ତରାଳରେ ୫୦ରୁ ୬୦ ମି.ଲି ମହୁଲାସ୍ତ୍ର ୧୫ ଲିଟର ପାଣିରେ ମିଶାଇ ଗଛରେ ସ୍ପ୍ରେ କରନ୍ତୁ ।

★ ବିହନ ବୁଣିବା ପୂର୍ବରୁ ବିହନକୁ ଗାଈ ପରିଶ୍ରା କିମ୍ବା ବିଜାମୃତ ଏବଂ ଜୀବାଣୁ ସାରରେ ବିଶୋଧନ କରନ୍ତୁ ।

## ରାସାୟନିକ ପରିଚାଳନା

୧୦ ଗ୍ରାମ୍ ରିଡୋମିଲ୍‌କୁ ୧୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

# ମୁଖ୍ୟକୀଟ

## ସମନ୍ୱିତ ପରିଚାଳନା



ଏହି ପୋକ ନଲାଗିବା ପାଇଁ ୧ ଲିଟର ପାଣିରେ ୩୦ ମି.ଲି. ହାଣ୍ଡିଖତ ଏବଂ ୫୦ ଲିଟର ପାଣିରେ ୧.୫ ମି.ଲି. ଆଗ୍ରେୟାସ୍ତ୍ର ଅଦଳ ବଦଳ କରି ୧୦ରୁ ୧୨ ଦିନ ଅନ୍ତରାଳରେ ସ୍ପ୍ରେ କରନ୍ତୁ ।

## ରାସାୟନିକ ପରିଚାଳନା

| କୀଟନାଶକର ନାମ | ହେକ୍ଟର ପ୍ରତି ହାର |
|---|---|
| ନିମ୍ବ ଆଧାରିତ ବିଷ (୧%) | ୧-୧.୫ ଲିଟର |
| ସାଇପରମେଥ୍ରନ୍ ୧୦% ଇ.ସି. | ୧୫୦-୪୦୦ମି.ଲି |
| ଫେନଭାଲରେଟ୍ ୨୦% ଇ.ସି. | ୩୭୫-୫୦୦ ମି.ଲି. |
| ଲାମ୍ବଡା- ସାଇହାଲୋଥ୍ରନ୍ ୫% ଇ.ସି. | ୪୦୦-୬୦୦ ମି.ଲି. |
| କ୍ୱିନାଲଫସ୍ ୨୫% ଇ.ସି. | ୧ ଲିଟର |
| ଥାଓଡିକାର୍ବ ୭୫% ଡବ୍ଲୁ.ପି. | ୫୦୦-୧୦୦୦ଗ୍ରାମ୍ |
| ଟ୍ରାୟାଜୋଫସ୍ ୪୦% ଇ.ସି. | ୧ ଲିଟର |



# ଉନ୍ନତ ପଦ୍ଧତିରେ ଲଙ୍କା ଚାଷ












# ଲଙ୍କା ଚାଷ ସମ୍ବନ୍ଧରେ

★ ଲଙ୍କା ଏକ ଶକ୍ତ ଫସଲ ଯାହାକି ଶୁଷ୍କ ଜମିରେ କମ୍ ଜଳସେଚନରେ ହୋଇଥାଏ ।

★ ଏହାକୁ ବର୍ଷସାରା କରାଯାଇପାରିବ । ଭାରତର ଲଙ୍କା ଉତ୍ପାଦନ ରାଜ୍ୟମାନେ ହେଲେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ କର୍ଣ୍ଣାଟକ ।

## ଲଙ୍କାଚାଷ ପାଇଁ ଉପଯୁକ୍ତ ଜଳବାୟୁ :

ଓଡ଼ିଶାରେ ୧୫ରୁ ୩୮ଡ଼ିଗ୍ରୀ ତାପମାତ୍ର ଏବଂ ୧୬୦୦ ଏମ୍.ଏମ୍ ବର୍ଷା ଜଳ ପର୍ଯ୍ୟନ୍ତ ଲଙ୍କାଚାଷ କରାଯାଇଥାଏ ।

| ତାପମାତ୍ରା | ଜଳ | ବିହନ ବୁଣିବା ତାପମାତ୍ରା | ଅମଳ ତାପମାତ୍ରା |
|---|---|---|---|
|  |  |  |  |
| ୧୫-୩୨ ଡିଗ୍ରୀ ସେଲ୍ସିୟସ୍ | ୬୦୦-୧୦୦୦ ଏମ୍. ଏମ୍. | ୧୫-୨୦ଡିଗ୍ରୀ ସେଲ୍ସିୟସ୍ | ୩୦-୩୨ ଡିଗ୍ରୀ ସେଲ୍ସିୟସ୍ |

## ଉପଯୁକ୍ତ ମୃତ୍ତିକା:

★ ଲଙ୍କା ପ୍ରାୟ ସମସ୍ତ ପ୍ରକାର ମାଟିରେ କରାଯାଇଥାଏ ।

★ ଏଥିପାଇଁ ମୁଖ୍ୟତଃ ନିଗିଡା ଦୋରସା, ଦୋରସା ପଟୁମାଟି, ଉର୍ବର ମାଟିରେ ଭଲ ହୋଇଥାଏ ।

★ ଭଲ ଅମଳ ପାଇଁ ମାଟିର ଅମ୍ଳୀୟତା ୬.୫ ରୁ ୭.୫ ହେବା ଆବଶ୍ୟକ ।

# ବଜାରରେ ଉପଲବ୍ଧ କିସମ






















୧. ନନ୍ ହେମସ୍ **US** -୩୪୧

୨. ମାହିକୋ- ତେଜସ୍ୱୀନି

୩. ସେମିନିସ୍- ସିଆମ୍ ହଟ୍

୪. ସେମିନିସ୍ - ଉଜ୍ୱଳ

୫. ଭି.ଏନ୍. ଆ୍ର- ୧୪୫

୬. ସ୍ଥାନୀୟ କିସମ (ବାମଡା)

# ଲଙ୍କା ଚାରା ରୋପଣ

★ ୧୦ ଡେସିମିଲ୍ ଜାଗାପାଇଁ ୧୫ ଗ୍ରାମ ବିହନର ଆବଶ୍ୟକ ପଡ଼େ ।

★ ୧୦ ଡେସିମିଲ୍ ଜାଗାରେ ୧୦୦୦ ଗଛ ଲାଗଇବାକୁ ୫-୧୦ କିଗ୍ରା ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ ।

★ ଧାଡିରୁ ଧାଡି ୨ ଫୁଟ ଏବଂ ଚାରାରୁ ଚାରା ୧.୫ ଫୁଟ ଦୂରତାରେ ଗାତ ଖୋଳନ୍ତୁ ।

★ ପ୍ରତ୍ୟେକ ଗାତରେ ୧ କିଲୋ ଗୋବର ଖତ ୧ ଗ୍ରାମ୍ ଫୋରେଟ୍ ପକାଇ ମାଟିରେ ଭଲ ଭାବେ ମିଶାଇ ଦିଅନ୍ତୁ ।







★ ତଳିକୁ ସିଧା ରଖି ରୋପଣ କରନ୍ତୁ ଏବଂ ଭଲ ଭାବେ ମାଟିକୁ ଦାବି ଦିଅନ୍ତୁ ଯେପରିକି ପରବର୍ତ୍ତୀ ସମୟରେ ଚାରା ମୂଳଟି ଖାଲୁଆରହି ପାଣି ଜମିବ ନାହିଁ ।

★ ଚାରା ରୋପଣ ସମୟରେ କୌଣସି ରାସାୟନିକ ସାର ପ୍ରୟୋଗ କରନ୍ତୁ ନାହିଁ । ପ୍ରଚଣ୍ଡ ସୂର୍ଯ୍ୟ ତାପରେ ଚାରା ନଷ୍ଟ ହେବାର ସମ୍ଭାବନା ରହିଥାଏ ।



★ ଚାରା ରୋପଣ ପରେ, ମୂଳରେ ପାଣି ଦିଅନ୍ତୁ ।

# ଚାରା ରୋପଣର ୧୦ ଦିନ ମଧ୍ୟରେ

ଖାଦ୍ୟଜନିତ ପରିଚାଳନା

- ★ ନିୟମିତ ଜଳସେଚନ କରନ୍ତୁ ।
- ★ ଷ୍ଟାଟର ସଲ୍ୟୁସନ ପ୍ରସ୍ତୁତ କରନ୍ତୁ (୩୦ ଗ୍ରାମ୍ ଡି.ଏ.ପି. + ୭୫ ଗ୍ରାମ୍ ଏସ୍. ଏସ୍. ପି.କୁ ୨ ଲିଟର ପାଣିରେ ମିଶାଇ
- ★ ୧୨ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ) ମିଶିଗଲା ପରେ ଏଥିରେ ୧୩ ଲିଟର ପାଣି ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ପ୍ରତି ଗଛର ମୂଳରେ ଗୋଟେ କପ୍ (୨୦୦ମି.ଲି.) ଦିଅନ୍ତୁ ।
- ★ ଲଗାଇବା ପରଠାରୁ ଦିନେ ଛଡା ଦିନେ ଷ୍ଟାଟର ସଲ୍ୟୁସନ୍ ପ୍ରୟୋଗ କରନ୍ତୁ । ୧୦ ଦିନ ଭିତରେ ୨-୩ ଥର ପ୍ରୟୋଗ କରନ୍ତୁ ।





# ଚାରାରୋପଣର ୧୧ରୁ ୧୫ ଦିନ ମଧ୍ୟରେ

ସମନ୍ୱିତ ପରିଚାଳନା

- ★ କୋଡାଖୋସା ସମୟରେ ପ୍ରତି ଗଛ ପିଛା ୪୦ରୁ ୫୦ ଗ୍ରାମ୍ ପ୍ରାଣାମୃତ ଏବଂ ୨୦ଗ୍ରାମ୍ ଜିଆ ଖତକୁ ୪ ଇଞ୍ଚ୍ ଦୂରରେ ରିଙ୍ଗ୍ କରି ପ୍ରୟୋଗ କରନ୍ତୁ ।
- ★ ମାଟି ଚଢାନ୍ତୁ ଏବଂ ଘାସ ବାଛନ୍ତୁ ।

ଖାଦ୍ୟଜନିତ ପରିଚାଳନା

- ★ ଡି.ଏ.ପି. ୬ କିଲୋ ପଟାସ୍ ୬ କିଲୋ ଏବଂ ୟୁରିଆ ୪ କିଲୋକୁ ମିଶାଇ ଗଛ ଠାରୁ ୬ ଇଞ୍ଚ୍ ଦୂରରେ ପ୍ରୟୋଗ କରନ୍ତୁ ।
- ★ ଏକ୍‌ତାରା ୪ ଗ୍ରାମ୍, ରିଡୋମିଲ୍ ୧୦ ଗ୍ରାମ୍ ଏବଂ ଧାନୁଭିଟ୍ ୪ ମି.ଲି ୧୦ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ସ୍ପ୍ରେ କରନ୍ତୁ ।





# ଚାରା ରୋପଣର ୨୫ରୁ ୩୫ ଦିନ ମଧ୍ୟରେ

**ସମନ୍ୱିତ ପରିଚାଳନା**

- ଚାରା ରୋପଣର ୨୨-୨୫ ଦିନରେ ଜୀବାଣୁ ଜନିତ ଝାଉଁଳା ନ ହେବା ପାଇଁ ୧୫ ଲିଟର ପାଣିରେ ୫୦୦ ମି.ଲି ଦହି (ମଠାସ୍ତ୍ର) କୁ ପାଣିରେ ଗୋଳାଇ ସ୍ପ୍ରେ କରିବେ, ଯେପରି ମନ୍ଦାର ମାଟି ୧ ଇଞ୍ଚ୍ ଓଦା ରହିବ ।

**ରାସାୟନିକ ପରିଚାଳନା**

- ଏକତାରା ୪ ଗ୍ରାମ୍, ସାଫ୍ ୨୦ ଗ୍ରାମ୍, ଧାନୁଭିଟ୍ ୪ ମି.ଲି, ୨୦୦ ଗ୍ରାମ୍ ୟୁରିଆ ୧୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।
- ପ୍ରଥମ ସ୍ପ୍ରେର ୨ ଦିନ ପରେ କ୍ରୋସିନ୍ ଏଜି ୧ ଗ୍ରାମ୍, ୨ ଲିଟର ପାଟିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଡି.ଏ.ପି. ୪ କିଲୋ ଏବଂ ୟୁରିଆ ୪ କିଲୋକୁ ମିଶାଇ ଗଛର ୧୦ ଇଞ୍ଚ୍ ଦୂରରେ ପ୍ରୟାଗ କରନ୍ତୁ ।
- ମାଟି ଚଢାନ୍ତୁ ଏବଂ ଘାସ ବାଛନ୍ତୁ ।





# ଚାରା ରୋପଣର ୩୫-୪୦ ଦିନ ମଧ୍ୟରେ

*ସମନ୍ୱିତ ପରିଚାଳନା*

- ★ ଚାରା ରୋପଣର ୩୫ ଦିନରେ : କାଣ୍ଡବିନ୍ଧା ଓ ଫଳବିନ୍ଧା ସମ୍ଭାବନା ଥିବାରୁ ୧୫ ଲିଟର ପାଣିରେ ୫୦୦ମି.ଲି. ଅଗ୍ନେୟାସ୍ତ୍ର ଗୋଳାଇ ଫସଲରେ ସ୍ପ୍ରେ କରିବା ଆବଶ୍ୟକ ।
- ★ ସମୟ ସମୟରେ ଗଛର ପତ୍ର ହଳଦିଆ ପଡି ଝଡିଯାଏ, ଝାଉଁଳି ଯାଏ । ଏହା ଏକ ଫିମ୍ପିଜନିତ ରୋଗ । ଏହାର ପ୍ରତିକାର ନିମନ୍ତେ ପ୍ରତି ଲିଟର ପାଣିରେ ୩ ରୁ ୪ ମି.ଲି. ହିସାବରେ ମହୁଲାସ୍ତ୍ର ଗୋଳାଇ ସ୍ପ୍ରେ କରନ୍ତୁ ।
- ★ ଫୁଲ ଆସିବା ସମୟରେ ୧୫ ଲିଟର ପାଣିରେ ୫୦ ରୁ ୦ ମି.ଲି ଅମୃତର ପ୍ରୟୋଗ କରନ୍ତୁ ।

*ରାସାୟନିକ ପରିଚାଳନା*

- ★ ଫୁଲ ଆସିବା ସମୟରେ ପ୍ଲାନୋଫିକ୍ସ ୧ ମି.ଲି.କୁ ୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।
- ★ ମାପିବା ପାଇଁ ସିରିଞ୍ଜ୍‌ର ବ୍ୟବହାର କରନ୍ତୁ ।
- ★ ଧ୍ୟାନ ଦେବେ ଯେପରି ମାତ୍ରା ଅଧିକ ନହୁଏ, ନଚେତ୍ ପୁରା ଫସଲ ନଷ୍ଟ ହୋଇଯିବ ।



*ସମନ୍ୱିତ ପରିଚାଳନା*

<u>୨ୟ କୋଡାଖୋସା ଓ ସାର ପ୍ରୟୋଗ -</u>

- ★ ୧୦ ଡିସିମିଲ୍ ପାଇଁ, ୨୫ କି.ଗ୍ରା ପ୍ରାଣାମୃତ ଏବଂ ୨୦ କି.ଗ୍ରା ଜିଆ ଖତ ପ୍ରୟୋଗ କରି କୋଡା ଖୋସା କରନ୍ତୁ ।
- ★ ଗଛରେ କାଣ୍ଡ/ ମୂଳସଢା ନ ଲାଗିବା ପାଇଁ ମହୁଲାସ୍ତ୍ର ପ୍ରତିଲିଟର

| | |
|---|---|
| ଚାରା ରୋପଣର ୪୦ ଦିନରେ | :ପାଣିରେ ୩-୪ ମି.ଲି. ଗୋଳାଇ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୪୨ ଦିନରେ | :କାଣ୍ଡିବିନ୍ଧା ନ ହେବା ପାଇଁ ୧୫ ଲିଟର ପାଣିରେ ୫୦୦ ମି.ଲି. ଆଗ୍ନେୟାସ୍ତ୍ର ଗୋଳାଇ ଫସଲରେ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୪୪ ଦିନରେ | : ଅମୃତ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୫୦ ଦିନରେ | : କାଣ୍ଡବିନ୍ଧା ଓ ଫଳବିନ୍ଧା ରୋଗରୁ ରକ୍ଷା ପାଇବା ପାଇଁ ୧୫ ଲିଟର ପାଣିରେ ୫୦୦ ମି.ଲି. ଆଗ୍ନେୟାସ୍ତ୍ର ଗୋଳାଇ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୫୫ ଦିନରେ | : ଅମୃତ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୬୧ ଦିନରେ | : ଆଗ୍ନେୟାସ୍ତ୍ର ସ୍ପ୍ରେ କରନ୍ତୁ । |

# ଲଙ୍କାରେ ହେଉଥିବା ମୁଖ୍ୟ ରୋଗ ଏବଂ ପୋକ

## ଫଳବିନ୍ଧା ପୋକ:

ଫଳବିନ୍ଧା ପୋକ ଲଙ୍କା ଫସଲର ସବୁଠୁ କ୍ଷତିକାରକ ପୋକ । ଏହା ପ୍ରାୟତଃ ସବୁ ଲଙ୍କା ଚାଷ ହେଉଥିବା ଅଞ୍ଚଳରେ ଦେଖାଯାଏ ।

ଏହି ପୋକର ଅଧିକ ପ୍ରକୋପ ସାଧାରଣତଃ ଅକ୍ଟୋବର ମାସରୁ ଜୁନ୍ ମାସ ଭିତରେ ଦେଖାଯାଇଥାଏ ।

- ★ ବୟସ୍କ ପ୍ରଜାପତିଟି V ଆକାର ଦେଖାଯାଏ ।
- ★ ରଙ୍ଗ - ଫିକା ବାଦାମୀ ହୋଇଥାଏ ।
- ★ ଡେଣା ଶେଷରେ ଗାଢ ବାଦାମୀ / ଖଇରିଆ ରଙ୍ଗ ହୋଇଥାଏ । ଅଣ୍ଡାଟି ଗୋଲାକାର ଏବଂ ଧଳା ରଙ୍ଗର ହୋଇଥାଏ ।



# ପ୍ରତିକାର

## ସମନ୍ୱିତ ପରିଚାଳନା

| କୀଟନାଶକର ନାମ | ମାତ୍ରା |
|---|---|
| ହାଣ୍ଡିଖତ | ୧ ଲିଟର ପାଣିରେ ୩୦ ମି.ଲି, |
| ଆଗ୍ନେୟାସ୍ତ୍ର | ୫୦ ଲିଟର ପାଣିରେ ୧.୫ ମି.ଲି. |
| ସଙ୍ଗ ଆକର୍ଷଣ ଯନ୍ତା | ୪-୬ ପ୍ରତି ଏକର |
| ଟ୍ରାଇକୋକାର୍ଡ | ଏକର ପିଛା ୨ରୁ ୩ ଟ୍ରାଇକୋଗ୍ରାମ୍ । ଇଲୋନିସ୍ ପ୍ରଜାତିର |
| ଆଲୋକ ଯନ୍ତା | ଏକର ପିଛା ୨ରୁ ୩ଟି |







## ରାସାୟନିକ ପରିଚାଳନା

| କୀଟନାଶକର ନାମ | ହେକ୍ଟର ପ୍ରତି ମାତ୍ରା |
|---|---|
| ନିମ୍ବ ଆଧାରିତ ବିଷ (୧%) | ୧-୧.୫ ମି.ଲି |
| ସାଇପରମେଥ୍ରିନ୍ ୧୦% ଇ.ସି. । | ୧୫୦-୪୦୦ ମି.ଲି. |
| ଫେନ୍‌ଭାଲ୍‌ରେଟ୍ ୨୦% ଇ.ସି. | ୩୭୫-୫୦୦ ମି.ଲି |
| ଲାମ୍ବଡା- ସାଇହାଲୋଥ୍ରିନ୍ ୫% ଇ.ସି. | ୪୦୦-୬୦୦ ମି.ଲି |
| କ୍ୱିନାଲ୍‌ଫସ୍ ୨୫% ଇ.ସି. | ୧ ଲିଟର |
| ଥାଓଡିକାର୍ବ ୭୫% ଡବ୍ଲୁ.ପି. | ୫୦୦-୧୦୦୦ ଗ୍ରାମ୍ |
| ଟ୍ରାଇଜୋଫସ୍ ୪୦% ଇ.ସି. | ୧ ଲିଟର |



# ଲଙ୍କାରେ ଶୋଷକ କୀଟ

**ସମନ୍ୱିତ ପ୍ରତିଷେଧ**

- ★ ଅଧିକ କ୍ଷତିଗ୍ରସ୍ତ ଗଛ କିମ୍ବା ଗଛର ଅଂଶକୁ ବାହାର କରି ଦିଅନ୍ତୁ ।
- ★ କ୍ଷେତରେ ଉଠିଥିବା ଘାସକୁ ସଫା କରନ୍ତୁ ।
- ★ ଶୋଷକ କୀଟ ନଆସିବା ପାଇଁ ଲଙ୍କା ଗଛରେ ପ୍ରତି ସପ୍ତାହ ହାଣ୍ଡିଖତ ୩୦ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ଭଲଭାବେ ପତ୍ରର ଉପର ଏବଂ ତଳ ପାର୍ଶ୍ୱରେ ସ୍ପ୍ରେ କରନ୍ତୁ ।
- ★ ନିମ୍ବ ତେଲ ୨ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

**ରାସାୟନିକ ପ୍ରତିଷେଧ**

- ★ ମିଥାଇଲ୍ ଡେମେଟୋନ୍ ୨୫ ଇ.ସି ୧ ମି.ଲି ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

କିମ୍ବା

- ★ ମଲାଥିୟନ୍ ୫୦ ଇ.ସି ୧ ମି.ଲି ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରାଳରେ ସ୍ପ୍ରେ କରନ୍ତୁ ।

ମିଲିବଗ୍



ଜଉପୋକ



ଡ଼ିଆଁ ପୋକ



ନାଲିବୁଢିଆଣୀ



ଉପରୋକ୍ତ ଶୋଷକକୀଟ ମାନେ ପତ୍ର ତଳେ, ପତ୍ରଶିରା ଆଦିରେ ରହି ରସ ଶୋଷିଥାନ୍ତି ଏବଂ ବଂଶବୃଦ୍ଧି କରିଥାନ୍ତି । ଏହାଦ୍ୱାରା ପତ୍ରଟି ଶୁଖିଯାଏ, ମୋଡି ହୋଇଯାଏ କିମ୍ବା ବଢେ ନାହିଁ ଯାହା ଫଳରେ ଅମଳ ହ୍ରାସ ପାଇଥାଏ ।

# ପତ୍ରକଟା ପୋକ

## ପତ୍ର କଟା ପୋକ:

### *ସମନ୍ୱିତ ପରିଚାଳନା*

୫ ଲିଟର ପାଣିରେ ୧.୫ ମି.ଲି. ଆଗ୍ନେୟାସ୍ତ୍ର ମିଶାଇ ସ୍ପ୍ରେ କରନ୍ତୁ ।

### *ରାସାୟନିକ ପରିଚାଳନା*

୩ ମି.ଲି. କ୍ଲୋରୋପାଇରିଫସ୍ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।





# ସୂତ୍ର କୃମି

### *ସମନ୍ୱିତ ପରିଚାଳନା*

ଏହାର ଆକ୍ରମଣ ଫଳରେ ଏବଂ ଗଛର ଚେରରେ ଗ୍ରନ୍ଥି ବା ଗଲ୍ ସୃଷ୍ଟି ହୁଏ । ଫଳରେ ଗଛର ବୃଦ୍ଧି ବାଧାପ୍ରାପ୍ତ ହୁଏ । ପତ୍ର ହଳଦିଆ ପଡିଯାଏ, ଉଚ୍ଚତା କମିଯାଏ । ରୁଗ୍ଣ ଗଛଟି ମରିଯାଏ ଓ ଅମଳ ହ୍ରାସ ପାଏ ।

* ଚାରା ରୋପଣର ୨୦ ଦିନପରେ ହେକ୍ଟର ପିଛା ୨୫୦ କି.ଗ୍ରା ନିମ୍ବପିଡିଆ ପ୍ରୟୋଗ କଲେ ଫଳବିନ୍ଧା ପତ୍ର ସୁଡଙ୍ଗ ଓ ସୂତ୍ରକୃମିଙ୍କ ଆକ୍ରମଣକୁ ପ୍ରତିହତ କରାଯାଇପାରେ ।
* ଫସଲ ପରିବର୍ତ୍ତନ କରନ୍ତୁ ।
* ସବୁବେଳେ ଗୋଟିଏ ଫସଲ ଗୋଟିଏ ଜମିରେ କରିବା ଦ୍ୱାରା ସୂତ୍ର କୃମି ସଂଖ୍ୟା ବଢିଯାଏ ।
* ପ୍ରତବର୍ଷ ଖରାଟିଆ ହଳକରନ୍ତୁ, କାରଣ ସୂର୍ଯ୍ୟକିରଣରେ ସୂତ୍ର କୃମି ମାନେ ମରି ଯାଇଥାନ୍ତି ଏବଂ ବଂଶବିସ୍ତାର କରିପାରି ନ ଥାନ୍ତି ।



### *ରାସାୟନିକ ପରିଚାଳନା*

ଚାରାରୋପଣର ୧୫ ଦିନ ମଧ୍ୟରେ ୨.୫ କିଲୋ କାର୍ବୋଫ୍ୟୁରାନ୍ ୩ଜିର ପ୍ରୟୋଗ କରନ୍ତୁ । ଲଙ୍କାରେ ହେଉଥିବା ରୋଗ

# ଲଙ୍କାରେ ହେଉଥିବା ରୋଗ







## ଫିମ୍ପିଜନିତ ଝାଉଁଳା ରୋଗ:

ଏହା ଏକ ମୃତ୍ତିକାଜାତ ରୋଗ ଯାହାର ସଂକ୍ରମଣରେ :

* ପତ୍ର ମୋଡି ହୋଇଯାଏ ।
* ପତ୍ର ଝାଉଁଳି ଯାଏ ।
* ପତ୍ରର ରଙ୍ଗ ପରିବର୍ତ୍ତନ ହୋଇଯାଏ, କ୍ରମଶଃ ଶୁଖି ଯାଏ ଏବଂ ଝଡିପଡେ ।

## ଫିମ୍ପିଜନିତ ପତ୍ର ଦାଗ:

* ପତ୍ରରେ ବାଦାମୀ ରଙ୍ଗର ଦାଗ ଦେଖାଯାଏ ।
* ଦାଗଟି କ୍ରମଶଃ ବଡହୋଇ ପତ୍ରରେ ମାଡିଯାଏ ।
* ପରବର୍ତ୍ତୀ ସମୟରେ ପତ୍ରଟି ଝଡିପଡେ ଯାହାଦ୍ୱାରା ଅମଳ ବହୁମାତ୍ରାରେ ହ୍ରାସ ପାଏ ।

## ଫିମ୍ପିଜନିତ ଫଳପଚା ରୋଗ:

* ଏହା ଏକ ବିହନଜାତ ରୋଗ ଅଟେ ।
* ସଂକ୍ରମିତ ଗଛ ଦ୍ୱାରା ମଧ୍ୟ ଏହା ବ୍ୟାପିଥାଏ ।
* ବିହନ ବିଶୋଧନ ନ କରି ତଳି ପକାଇଲେ ଏପରି ସମସ୍ୟା ଦେଖାଯାଏ ।

# ପ୍ରତିକାର



* ୮ରୁ ୧୦ ଦିନ ଅନ୍ତରାଳରେ ୫୦ରୁ ୬୦ ମି.ଲି. ମହୁଲାସ୍ତ୍ର ୧୫ ଲଟର ପାଣିରେ ମିଶାଇ ଗଛରେ ସ୍ପ୍ରେ କରନ୍ତୁ ।
* ମାନ୍ୟତା ପ୍ରାପ୍ତ ଏବଂ ଫିମ୍ପିଜନିତ ରୋଗ ସହନୀୟ ବିହନର ବ୍ୟବହାର କରନ୍ତୁ ।
* ବିହନ ବୁଣିବା ପୂର୍ବରୁ ବିହନକୁ ଗାଈ ପରିସ୍ରା କିମ୍ବା ବିଜାମୃତ ଏବଂ ଜୀବାଣୁ ସାରରେ ବିଶୋଧନ କରନ୍ତୁ ।

# ଲଙ୍କାରେ ହେଉଥିବା ରୋଗ



## ଫିମ୍ପିଜନିତ ପାଉଁସିଆ ରୋଗ:

* ପତ୍ର ଉପରେ ଧଳାଗୁଣ୍ଡ ଏବଂ ଧଳା ଆବରଣ ଦେଖାଯାଇଥାଏ ।
* ଏହା ଏକ ଫିମ୍ପି ଯାହା ଉଭୟ ଥଣ୍ଡା ଏବଂ ଗରମ ଜଳବାୟୁରେ ବଢିପାରେ ।
* ଏହା ପତ୍ରର ଉଭୟ ପାର୍ଶ୍ୱରେ ଦେଖାଯାଏ ଏବଂ କ୍ରମଶଃ କାଣ୍ଡ ପର୍ଯ୍ୟନ୍ତ ସଂକ୍ରମଣ ହୋଇଥାଏ । ପ୍ରତ କ୍ରମଶଃ ହଳଦିଆ ରଙ୍ଗରେ ପରିବର୍ତ୍ତନ ହୋଇ ଝଡିପଡେ ଏବଂ ଅମଳ ହ୍ରାସ ହୋଇଥାଏ ।

## ମୂଳସଢା ରୋଗ:

ମୂଳଟି ସଢି ଯାଏ,
କ୍ରମଶଃ ଗଛଟି ଝାଉଁଳି ଯାଇ ମରିଯାଏ ।

# ପ୍ରତିକାର

## ସମନ୍ୱିତ ପରିଚାଳନା

* ପ୍ରଥମେ ଆକ୍ରାନ୍ତ ପତ୍ରକୁ ଗଛରୁ ବାହାରକରି ଦିଅନ୍ତୁ ।
* ମୂଳସଢା ହେଲେ ଗଛଟିକୁ ଉପାଡି ଦିଅନ୍ତୁ ।
* ଖେତ ଚାରି ପାଖ ଏବଂ ଗଛ ମୂଳ ପରିଷ୍କାର କରନ୍ତୁ ।
* ମାନ୍ୟତାପ୍ରାପ୍ତ ଏବଂ ଫିମ୍ପି ଜନିତ ରୋଗ ସହନୀୟ ବିହନର ବ୍ୟବହାର କରନ୍ତୁ ।
* ୮ରୁ ୧୦ ଦିନ ଅନ୍ତରାଳରେ ୫୦ରୁ ୬୦ ମି.ଲି ମହୁଲାସ୍ତ୍ର ୧୫ ଲିଟର ପାଣିରେ ମିଶାଇ ଗଛରେ ସ୍ପ୍ରେ କରନ୍ତୁ ।
* ବିହନ ବୁଣିବା ପୂର୍ବରୁ ବିହନକୁ ଗାଇ ପରିଶ୍ରାରେ କିମ୍ବା ବିଜାମୃତରେ ଏବଂ ଜୀବାଣୁ ସାରରେ ବିଶୋଧନ କରନ୍ତୁ ।

**ରାସାୟନିକ ପରିଚାଳନା** ୧୦ଗ୍ରାମ୍ ରିଡୋମିଲ୍‌କୁ ୧୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

# ଲଙ୍କାରେ ହେଉଥିବା ରୋଗ

## ବୀଜାଣୁଜନିତ ଝାଉଁଳା

ଗଛଟି ର ପତ୍ର ର ରଙ୍ଗ ନ ବଦଳି ଅର୍ଥାତ ସବୁଜ ଥାଇ ମଧ ହଠାତ ଝାଉଁଳି ଯାଏ ଏବଂ ପରବର୍ତ୍ତୀ ସମୟ ରେ ଗଛ ଟି ମରିଯାଏ ।



## ପ୍ରତିକାର

### *ସମନ୍ୱିତ ପରିଚାଳନା*

* ପ୍ରଥମେ ଆକ୍ରାନ୍ତ ଗଛଟିକୁ ଉପାଡ଼ି ଦିଅନ୍ତୁ ।
* ଉପାଡ଼ି ଥିବା ଗଛକୁ ଖେତ ବାହାରେ ଗାତ କରି ପୋତି ଦିଅନ୍ତୁ ।
* ଏଣେତେଣେ ଫୋପାଡ଼ନ୍ତୁ ନାହିଁ ।
* କ୍ଷେତ ଚାରିପାଖ ଏବଂ ଗଛମୂଳ ପରିଷ୍କାର କରନ୍ତୁ ।
* ମନ୍ୟତା ପ୍ରାପ୍ତ ଏବଂ ଝାଉଁଳା ରୋଗ ସହନୀୟ ବିହନର ବ୍ୟବହା କରନ୍ତୁ ।
* ୮ ରୁ ୧୦ ଦିନ ଅନ୍ତରାଳରେ ୫୦ ରୁ ୬୦ମି.ଲି ମହୁଲାସ୍ର ୧୫ ଲିଟର ପାଣିରେ ମିଶାଇ ଗଛରେ ସ୍ପ୍ରେ କରନ୍ତୁ । ବିହନ ବୁଣିବା ପୂର୍ବରୁ ବିହନ କୁ ଗୋମୂତ୍ରରେ, କିମ୍ଵା ବିଜାମୃତ ରେ ଏବଂ ଜୀବାଣୁ ସାରରେ ବିଶୋଧନ କରନ୍ତୁ ।
* ଖରାଟି ହଳ ସମୟରେ ଜମିରେ ଚୂନ ର ପ୍ରୟୋଗ କରନ୍ତୁ ।

### *ରାସାୟନିକ ପରିଚାଳନା*

କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ମାନ୍ୟତା ପ୍ରାପ୍ତ ଔଷଧର ପ୍ରୟୋଗ କରନ୍ତୁ ।



# ଉନ୍ନତ ପଦ୍ଧତିରେ ଲତା ଜାତୀୟ ଚାଷ



# ଉପଯୁକ୍ତ କିସମ

**ଝୁଡଙ୍ଗ :** ବରଗୁଡି ବା ଝୁଡଙ୍ଗ ଆମ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଚାଷ ହେଉଥିବା ଏକ ମୁଖ୍ୟ ଫସଲ । ଏହା କନ୍ଧମାଳ, କୋରାପୁଟ, ବଲାଙ୍ଗୀର, ମୟୂରଭଞ୍ଜ ଏବଂ ଗଞ୍ଜାମ ଜିଲ୍ଲାର ପାହାଡିଆ ଅଞ୍ଚଳରେ ବିଶେଷ ଭାବେ ଚାଷ ହୁଏ । ସାଧାରଣତଃ ହେକ୍ଟର ପିଛା ୧୨ରୁ ୧୪ କିଲୋ ଝୁଡଙ୍ଗ ବିହନ ଆବଶ୍ୟକ ହୋଇଥାଏ । ଝୁଡଙ୍ଗ ସାଧାରଣତଃ ଜୁନ୍ ମାସରେ ଲଗାଯାଏ । ଲତା ଜାତୀୟ ଝୁଡଙ୍ଗ ପାଇଁ ଉତ୍ତମ ରଞ୍ଜା ଲଗାଇବାକୁ ପଡିଥାଏ ।

**ବୁଦା କିସମ :** ପୁଷା ଫସଲି, ପୁଷା ଋତୁରାଜ, କାଶୀ କାଞ୍ଚନ, ଉତ୍କଳ ମାଣିକ, କାଶୀ ନିଧି, ପୁଷା କୋମଳ, ଝୁଡଙ୍ଗ - ୨୯୩, ପୁଷା ସୁକୋମଳ, ସିଞ୍ଜେଣ୍ଟା YB -7.

**ଲତା କିସମ :** ଅର୍କା ଗାରିମା, ଆମେରିକାନ ଲଙ୍ଗ୍, ଗ୍ରୀନ୍ ସାଗର, ମହାରଶଣୀ ରେଡ ଶୋନା, କାଶୀ ସମୃଦ୍ଧି ।



ବୁଦା ଜାତୀୟ



ଲତା ଜାତୀୟ

# ଉପଯୁକ୍ତ କିସମ

<u>କାକୁଡି :</u>








* ମାଲିନୀ (ସେମିନିସ)
* ରୋହିନି (ସେମିନିସ)




* କିରଣ (ନନ୍‌ହେମ୍ସ)
* ଏନ୍‌ଏସ୍ -୪୦୪ (ନାମ୍‌ଧାରୀ)







* ସେରେନା (ମାହିକୋ)
* କରିନା (ନ୍ୟୁଜୀବେଡୁ)







* ମାହି ସଲ୍‌ଭିଆ (ମାହିକୋ)
* କୁମୁଦ (ଭିଏନଆର୍)

# ଉପଯୁକ୍ତ କିସମ


















**କଲରା:**

- ନଭ୍ଧାନ୍ (ଭିଏନ୍ଆର୍)
- ଆକାଶ (ଭିଏନଆର୍)
- ଭିଏନଆର-୨୨
- ଅଭିଷେକ (ସେମିନିସ୍ )
- ପାଲି (ଇଷ୍ଟ ଆଣ୍ଡ ୱେଷ୍ଟ)
- ଏନ୍ଏସ୍- ୪୫୩ (ନାମ୍ଧାରୀ)

# ଲଗାଇବା ସମୟ ଏବଂ ବିହନ ଉପଚାର

## ବର୍ଷାଦିନେ

ବିହନ ବୁଣିବା ସମୟ : ଜୁନ୍ ରୁ ଜୁଲାଇ

ଉପଯୁକ୍ତ ମାଟି : ନିଗିଡା, ଦୋରସା ମାଟି ଲତା ଜାତୀୟ ଚାଷ ପାଇଁ ଉପଯୁକ୍ତ ଅଟେ ।

ଜମି ପ୍ରସ୍ତୁତି :୩ରୁ ୪ ଓଡ ଗଭୀର ହଳ କରନ୍ତୁ ।

## ବିହନ ଉପଚାର :

ବିହନ ବୁଣିବାର ୨୪ ଘଣ୍ଟା ପୂର୍ବରୁ ଏକ କିଲୋ ବିହନ ପାଇଁ ୪ ଗ୍ରାମ୍ କାର୍ବେନ୍‌ଡାଜାଇମ୍ କିମ୍ବା ଥିରାମ୍ କିମ୍ବା ଟ୍ରାଇକୋଡର୍ମାଭିରିଡେ ୪ ଗ୍ରାମ୍ କିମ୍ବା ସୁଡୋମୋନାଶ ଫ୍ଲୁରୋସେନ୍ସ ୧୦ ଗ୍ରାମ୍ ମିଶାଇ ବିହନ ଉପଚାର କରନ୍ତୁ ।

## ଜୀବାଣୁ ସାର ଦ୍ୱାରା ବିହନ ଉପଚାର:

ଏହା ସହିତ ୧ କିଲୋ ବିହନକୁ ୨୦ ଗ୍ରାମ୍ ରାଇଜୋବିୟମ୍ ଏବଂ ୨୦ ଗ୍ରାମ ପି.ଏସ୍.ବି. ମିଶାଇ ଘୋଳ ପ୍ରସ୍ତୁତ କରିମଧ୍ୟ ବିହନ ଉପଚାର କରାଯାଇପାରିବ ।

## ବୀଜ ର ଆବଶ୍ୟକତା: (୧୦ ଡେସିମିଲ୍ ଜମିପାଇଁ)

ଲାଉ - ୪୦ରୁ ୫୦ ଗ୍ରାମ୍ କାକୁଡି ୨୫ରୁ ୩୦ ଗ୍ରାମ୍, କଲରା ୧୦୦ରୁ ୧୨୦ଗ୍ରାମ୍, ଜହ୍ନି ୭୦ରୁ ୯୦ ଗ୍ରାମ୍, ଝୁଡଙ୍ଗ ୭୦ରୁ ୮୦ ଗ୍ରାମ୍ ଆବଶ୍ୟକ ହୋଇଥାଏ ।

# ଲଗାଇବା ପ୍ରଣାଳୀ

ବର୍ଷାଦିନିଆ ବୁଦା ଝୁଡଙ୍ଗ ଚାଷପାଇଁ ଗଛରୁ ଗଛ ୧୫-୨୦ ସେଣ୍ଟିମିଟର ଓ ଧାଡିରୁ ଧାଡି ୩୦-୪୫ ସେଣ୍ଟିମିଟର ଓ ଲତା ଝୁଡଙ୍ଗଚାଷ ପାଇଁ ଗଛକୁ ଗଛ ୩୦ ସେଣ୍ଟିମିଟର ଓ ଧାଡିକୁ ଧାଡି ୬୦ ସେଣ୍ଟିମିଟରର ମାପ ନେଇ ମନ୍ଦା ପ୍ରସ୍ତୁତ କରନ୍ତୁ । ଲାଉ ପାଇଁ ଗଛରୁ ଗଛ ୫ଫୁଟ ୬ ଇଞ୍ଚ ଏବଂ ଧାଡିରୁ ଧାଡି ୫ ଫୁଟ ୬ ଇଞ୍ଚ୍ ବ୍ୟବଧାନରେ ଗାତ ଖୋଳନ୍ତୁ ।

ଅନ୍ୟ ଲତାଜାତୀୟ ଫସଲ ପାଇଁ ଗଛରୁ ଗଛ ୩ ଫୁଟ ଏବଂ ଧାଡିରୁ ଧାଡି ୩ ଫୁଟ ବ୍ୟବଧାନରେ ଗାତ ଖୋଳନ୍ତୁ ।

## ଜମି ପ୍ରସ୍ତୁତି ଏବଂ ବିହନ ଲଗାଇବା ସମୟରେ:

* ଜମିକୁ ୨ରୁ ୩ ଓଡ ହଳ କରି ଏକର ପିଛା ୮ରୁ ୧୦ ଟନ୍ ଗୋବର ଖତ ପ୍ରୟୋଗ କରନ୍ତୁ ।
* ଧାଡିକୁ ଧାଡି ୪ ଫୁଟ ଏବଂ ଗଛରୁ ଗଛ ୧.୫ ଫୁଟ ଦୂରତାରେ ମନ୍ଦା ପ୍ରସ୍ତୁତ କରନ୍ତୁ ।
* ୧.୫ ଫୁଟ ଗଭୀର, ୧.୫ ଫୁଟ ଲମ୍ବ ଏବଂ ୧.୫ ଫୁଟ ଓସାର ମନ୍ଦା ପ୍ରସ୍ତୁତ କରନ୍ତୁ ।
* ବିହନ ଲଗାଇବାର ୩ ରୁ ୪ ଦିନ ପୂର୍ବରୁ ମନ୍ଦା ଖୋଳନ୍ତୁ ।
* ମନ୍ଦା ଖୋଳା ସମୟରେ ପ୍ରଥମ ଅଧା ମାଟି ମନ୍ଦାର ବାମ କଡେ ଏବଂ ପରବର୍ତ୍ତୀ ଅଧା ମାଟିକୁ ମନ୍ଦାର ଡାହାଣପଟେ ରଖନ୍ତୁ ।
* ୧ ଝୁଡି ଖତ, ୫ ଗ୍ରାମ୍ ନିମ୍ବ ପିଡିଆ ସହ ୩ଟି ମନ୍ଦାର ଦୁଇ କଡେ ଥିବା ମାଟିସହ ଭଲ ଭାବରେ ମିଶାଇ ମନ୍ଦା କରନ୍ତୁ । (ଏଥିରେ ୩ଟି ମନ୍ଦା ଭରା ଯାଇପାରିବ)
* ମନ୍ଦାଟିକୁ ଉଚ୍ଚ କରି ଭରନ୍ତୁ ଯେପରି ଉଚ୍ଚତା ୬ ଇଞ୍ଚ୍ ଉପରକୁ ରହିବ ଯାହାଦ୍ୱାରା ପାଣି ଜମି ରହିବନାହିଁ ।







# ତଳି ପ୍ରସ୍ତୁତ କରି ଲଗାଇବା ପ୍ରଣାଳୀ

ଲତାଜାତୀୟ ଫସଲରେ ପ୍ରଥମେ ତଳି ପ୍ରସ୍ତୁତ କରି ମଧ୍ୟ ଲଗାଯାଇପାରେ ।

ଏହାଦ୍ୱାରା ଚାରାଟି ସୁସ୍ଥ ହେବା ସହ ଅଧିକ ଅମଳ ପ୍ରାପ୍ତ କରିବାରେ ସହାୟକ ହୋଇଥାଏ ।

ପୋଲିଟ୍ୟୁବରେ ଲଗାଇବା ପାଇଁ ପ୍ରଥମେ କୋକୋପିଟ୍, ଗୋବର ଖତ, ଜିଆ ଖତର ଏକ ମିଶ୍ରଣ ପ୍ରସ୍ତୁ କରନ୍ତୁ । ଏହାର ପରିମାଣ ୩:୨:୧ ରଖନ୍ତୁ ।








- ମିଶ୍ରଣ ପ୍ରସ୍ତୁତ ହେଲା ପରେ ଏହାକୁ ପୋଲିଟ୍ୟୁବରେ ଭରି ଗୋଟିଏ ଗୋଟିଏ କରି ମଞ୍ଜି ପୋତନ୍ତୁ ।
- ମଞ୍ଜି ପୋତିଲା ପରେ ଜଳସିଂଚନ କରନ୍ତୁ ।
- ଶୀଘ୍ର ଅଙ୍କୁରଣ ହେବା ପାଇଁ ପଲିଥିନ ଘୋଡାଇ ଦିଅନ୍ତୁ ।

# ୧୫ରୁ ୨୫ ଦିନ ଭିତରେ ମୁଖ୍ୟ ଜମିରେ ଲଗାନ୍ତୁ ।



# ଖାଦ୍ୟ ସାର ପ୍ରୟୋଗ



## ରୋପଣର ୧୦ରୁ ୧୫ ଦିନ ମଧ୍ୟରେ

* ପ୍ରଥମ କୋଡା ଖୋସା ସମୟରେ ମନ୍ଦା ଠାରୁ ୬ ଇଞ୍ଚ ଦୂରତାରେ ରିଙ୍ଗ କରି ୧୦୦ ଗ୍ରାମ୍ ପ୍ରାଣାମୃତ ଏବଂ ୫୦ ଗ୍ରାମ୍ ଜିଆଖତ ଦେଇ ଜଳସେଚନ କରନ୍ତୁ ।
* ଜଳସେଚନ ସମୟରେ ଜୀବାମୃତର ପ୍ରୟୋଗ କରନ୍ତୁ ।

## ରୋପଣର ୨୦ରୁ ୨୫ ଦିନ ମଧ୍ୟରେ

୧୦ କିଲୋ ସଢା ଗୋବର ଖତ ସହ ୨୦୦ ଗ୍ରାମ୍ ଅଜୋସ୍ପିରିଲମ୍, ୨୦୦ ଗ୍ରାମ୍ ଫସ୍ପୋବ୍ୟାକ୍ଟେରିଆକୁ ଗୋଳାଇ ୭୨ ଘଣ୍ଟା ରଖିଲା ପରେ ମନ୍ଦାରେ ରିଙ୍ଗ କରି ପ୍ରୟୋଗ କରନ୍ତୁ ।

* ଧ୍ୟାନ ଦିଅନ୍ତୁ ଯେପରି ଗୋବର ଖତ ଓଦାଳିଆ ଥିବ ।
* ଲତାର ୫ରୁ ୬ ନମ୍ବର ପତ୍ର ମଧ୍ୟରେ ଅର୍ଥାତ୍ ୬ ନମ୍ବର ପତ୍ରକୁ ଛିଣ୍ଡାଇ ଦିଅନ୍ତୁ, କାରଣ ଏପରି ନ କଲେ ଖାଦ୍ୟ ୬ ନମ୍ବର ପତ୍ରରେ ଅଟକିଯିବ ଏବଂ ଆଗକୁ ଯାଇପାରିବ ନାହିଁ ।

## ରୋପଣର ୨୫ ଦିନ ପରେ

ପ୍ରତିଲିଟର ପାଣିରେ ୩ ରୁ ୪ ମି.ଲି. ଅମୃତ ମିଶାଇ ସ୍ପ୍ରେ କରନ୍ତୁ ।

ବାଉଁଶ ଖୁଣ୍ଟ, ତାର ଏବଂ ଜାଲ ସାହାଯ୍ୟରେ ମଚାନ ବା ମଞ୍ଚା ତିଆରି କରନ୍ତୁ ।

## ରୋପଣର ୩୦ ଦିନ ପରେ

ପତ୍ରମୋଚା (ପତ୍ରଉକୁଣି, ଧଳା ମାଛି, ନାଲି ଜଉ) ଦେଖାଗଲେ ନିମାସ୍ତ୍ରର ପ୍ରୟୋଗ କରନ୍ତୁ ।

## ବିହନ ଲଗାଇବାର ୩୦ରୁ ୩୫ ଦିନ ମଧ୍ୟରେ

ମଞ୍ଜି ଲଗାଇବାର ୩୦-୩୫ ଦିନ ପରେ ଦୁଇଥର ମିଶ୍ରିତ ଅଣୁସାର (୩ ଗ୍ରାମ୍ / ଲିଟର) ସିଞ୍ଚନ କରିବାକୁ ଭୁଲନ୍ତୁ ନାହିଁ

## ବିହନ ଲଗାଇବାର ୪୦ରୁ ୫୦ ଦିନ ପରେ

ପ୍ରତି ଲିଟର ପାଣିରେ ୩.୪ ମି.ଲି. ଅମୃତ ମିଶାଇ ସ୍ପ୍ରେ କରନ୍ତୁ ।

ଫଳବିନ୍ଧା ପୋକ ନ ଲାଗିବା ପାଇଁ ୧୫ ଲିଟର ପାଣିରେ ୫୦୦ ମି.ଲି, ଆଗ୍ନେୟାସ୍ତ୍ର ମିଶାଇ ସ୍ପ୍ରେ କରନ୍ତୁ ।

**ସାହାରା:** କଲରା ଗଛ ବଢିବା ଆରମ୍ଭ କଲେ ତାକୁ ସାହାରା ଦେବା ଆବଶ୍ୟକ । ଲତା ସୂକ୍ଷ୍ମ ହୋଇଥିବାରୁ ଭାଙ୍ଗି ପଡିବାର ସମ୍ଭାବନା ଅଧିକ ଥାଏ ଏବଂ ଅଧିକ ଦିନ ମାଟିରେ ଲାଗି ରହିଲେ ମଧ୍ୟ ରୋଗ ପୋକ ସମସ୍ୟା ଦେଖିବାକୁ ମିଳେ । ତେଣୁ ଭଲ ଅମଳ ଲାଗି ନିହାତି ଭାବେ ସାହାରା ଦିଅନ୍ତୁ ।












# ଲତା ଜାତୀୟ ଫସଲରେ କୀଟ

## ପତ୍ରକଟା ପୋକ (ଲିଫ୍ ମାଇନ୍ର)

୧ ଗ୍ରାମ୍ ଏକ୍ତାରା ୩ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।





## ଫଳ ମାଛି ଦ୍ୱାରା କ୍ଷତି

ଫେରୋମୋନ୍ ଯନ୍ତା ବ୍ୟବହାର କରନ୍ତୁ ।





## ପତ୍ର କଟା ପୋକ

କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ମାନ୍ୟତା ପ୍ରାପ୍ତ ଔଷଧର ପ୍ରୟୋଗ କରନ୍ତୁ ।



# ଲତା ଜାତୀୟ ଫସଲରେ ରୋଗ



## ଫିମ୍ପି ଜନିତ ଫଳସଢା ରୋଗ

ବ୍ଲୁ -କୋପର୍ ୩ ଗ୍ରାମ୍ କିମ୍ବା ଏଣ୍ଟ୍ରାକୋଲ ୩ ଗ୍ରାମ୍ କିମ୍ବା ରିଡୋମିଲ ୧ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶଶଇ ସ୍ପ୍ରେ କରନ୍ତୁ ।



## ଝାଉଁଳା:

ବ୍ଲ୍ୟୁ କୋପର୍ ୧୫ ଗ୍ରାମ୍ ଏବଂ କ୍ରୋଶିନ ଏ.ଜି ୧ଗ୍ରାମ୍ ୧୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।



## ପାଉଡରୀ ମିଲଡିଉ (ପାଉଁଶିଆ)

ସାଫ୍ କିମ୍ବା ସିକ୍ସର୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।



## ମୋସାଇକ୍

କୋନ୍‌ଫିଡର୍ ୧ ମି.ଲି., ୪ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।



# ଉନ୍ନତ ପଦ୍ଧତିରେ ଟମାଟୋ ଚାଷ













# ପନିପରିବା ତଳି ପକାଇବା ବିଧି

## ଉପଯୁକ୍ତ ଜଳବାୟୁ

ସାଧାରଣତଃ ନିଷ୍ଚିତ ଏବଂ ଭଲ ବର୍ଷା ସହ ମଧ୍ୟମ ଧରଣର ତାପମାତ୍ର (୧୮-୨୩ ଡିଗ୍ରୀ ସେ.) ଏହି ଚାଷପାଇଁ ଅନୁକୂଳ ହୋଇଥାଏ । ଉଷ୍ଣ ବାତାବରଣରେ ଉକ୍ତ ଫସଲର ବୃଦ୍ଧି ଭଲ ହୋଇଥାଏ କିନ୍ତୁ ବର୍ତ୍ତମାନ ସମୟରେ ବଜାରରେ ବିଭିନ୍ନ ପ୍ରକାରର ହାଇବ୍ରିଡ୍ କିସମ ଉପଲବ୍ଧ ଯାହାକି ବର୍ଷସାରା ଚାଷ କରିହେବ ।



## ଉପଯୁକ୍ତ ଜମି ଏବଂ ମାଟି

* ଜମିଟି ଢିପ, ଗଡାଣିଆ ହୋଇଥିବ ଯେଉଁଥିରେ ବର୍ଷା ଜଳ ଜମା ହେଉ ନ ଥିବ ।
* ଦୋରସା, ଦୋରସା ମଟାଳ ମାଟି ଏହି ଫସଲ ପାଇଁ ଉତ୍କୃଷ୍ଟ ।
* ଏହି ଫସଲ ପାଇଁ ମାଟିର ଅମ୍ଳ ପି.ଏଚ୍ ୬.୨ ରୁ ୭.୦ ମଧ୍ୟରେ ରହିଲେ ଭଲ ।





# ବଜାରରେ ଉପଲବ୍ଧ କିଛି ଉନ୍ନତ ଟମାଟୋ କିସମ

| କିସମ | ସମୟ | ମୁଖ୍ୟଗୁଣ | ଅମଳ ଗଛ ପ୍ରତି |
|---|---|---|---|
| ନାମ୍‌ଧାରୀ<br> | ଜୁନ- ସେପ୍ଟେମ୍ବର | ଅମଳ ସମୟ -୭୫ରୁ ୮୦ ଦିନ<br>ଫଳର ଆକାର ୯୦-୧୦୦ ଗ୍ରାମ୍<br>ସ୍ୱାଦ- ଖଟ୍ଟା<br>ପାଖ ବଜାର ପାଇଁ ଉପଯୁକ୍ତ<br>ଝାଉଁଳା ରୋଗ ସହନଶୀଳ | ୭-୮ କିଲୋ |
| ସିଞ୍ଜେଣ୍ଟା-୧୭<br> | ଜୁନ-ସେପ୍ଟେମ୍ବର | ଅମଳ ସମୟ- ୮୦-୯୦ ଦିନ<br>ଫଳର ଆକାର - ୬୦-୭୦ ଗ୍ରାମ୍<br>ଦୂର ବଜାର ପାଇଁ ଉପଯୁକ୍ତ<br>(ଶକ୍ତ ଫଳ ଏବଂ ସମାନ ରଙ୍ଗର)<br>ଝାଉଁଳା ରୋଗ ସହନଶୀଳ | ୪ କିଲୋ |
| ରୋହିତ ୨<br> | ଜୁନ୍- ସେପ୍ଟେମ୍ବର | ଅମଳ ସମୟ ୮୦-୯୦ ଦିନ<br>ଫଳର ଆକାର ୮୦-୧୦୦ ଗ୍ରାମ୍<br>ଦୂର ବଜାର ପାଇଁ ଉପଯୁକ୍ତ<br>(ଶକ୍ତ ଫଳ ଏବଂ ସମାନ ରଙ୍ଗର)<br>ଝାଉଁଳା ପତ୍ର ମୋଡାରୋଗ ସହଣୀ | ୭ କିଲୋ |
| ଲକ୍ଷ୍ମୀ ଏନ୍. ପି.<br> | ସେପ୍ଟେମ୍ବର<br>-ନଭେମ୍ବର | ଅମଳ ସମୟ ୮୦-୧୦୦ ଦିନ<br>ଫଳର ଆକାର -୭୦-୮୦ ଗ୍ରାମ୍<br>ପତ୍ରମୋଡା ରୋଗ ସହନଶୀଳ | ୮-୧୦କିଲୋ |
| ଜେକେ ଦେଶୀ<br> | ସେପ୍ଟେମ୍ବର<br>- ନଭେମ୍ବର | ଅମଳ ସମୟ ୮୦-୧୦୦ ଦିନ<br>ଫଳର ଆକାର - ୮୦-୯୦ ଗ୍ରାମ୍<br>ପତ୍ରମୋଡା ରୋଗ ସହନଶୀଳ | ୫ କିଲୋ |
| ଅର୍କ ରକ୍ଷକ<br> | ଜୁନ- ସେପ୍ଟେମ୍ବର<br>ଫେବୃୟାରୀ -ମଇ | ଅମଳ ସମୟ -୧୧୦-୧୨୦ ଦିନ<br>ଫଳର ଆକାର-୮୦ରୁ ୧୦୦ ଗ୍ରାମ୍<br>ଦୂର ବଜାର ପାଇଁ ଉପଯୁକ୍ତ | ୧୮ କିଲୋ ପର୍ଯ୍ୟନ୍ତ |

# ଚାରା ରୋପଣ ପୂର୍ବରୁ ପ୍ରସ୍ତୁତି

## ସମନ୍ୱିତ ପରିଚାଳନା

ଚାରା ଗୁଡିକ ୨୦ରୁ ୨୨ ଦିନ ମଧ୍ୟରେ ମୁଖ୍ୟ ଖେତରେ ଲାଗିବା ପାଇଁ ପ୍ରସ୍ତୁତ ହୋଇଯାଇଥାନ୍ତି । ୨୦ ଦିନ ପରେ ଚାରା ଗୁଡିକ ଅତି ଶିଘ୍ର ବଢିଥାନ୍ତି ତେଣୁ ଯଥାଶିଘ୍ର ଏହାକୁ ରୋପଣ ନ କଲେ ଉତ୍ପାଦନ ହ୍ରାସ ପାଇଥାଏ । ଏହା ପୂର୍ବରୁ ମୁଖ୍ୟ ଖେତ ପ୍ରସ୍ତୁତ ହୋଇଯିବା ଦରକାର ।





### ମୁଖ୍ୟ ଖେତ ପ୍ରସ୍ତୁତି:

* ୫ରୁ ୬ ଥର ହଳ ।
* ଢେଲା ମାଟି ଭଲ ଭାବରେ ଗୁଣ୍ଡ ହେବା ଦରକାର ।
* ପଟା ମାରି ଜମିକୁ ସମତଳ କରିବା ଦରକାର
* ଜଳ ନିଷ୍କାସନ ପାଇଁ ନାଳି ପ୍ରସ୍ତୁତି କରଣ ।

### ତଳି ପଟିରୁ ଚାରା ମୁଖ୍ୟଖେତକୁ କିପରି ନେବେ ?





* ତଳି ଉଠାଇବା ପୂର୍ବରୁ ତଳିପଟିକୁ ପାଣିରେ ଭିଜାଇ ଦିଅନ୍ତୁ ଯାହାଦ୍ୱାରା ମାଟି ନରମ ହୋଇଯିବ ଏବଂ ଚାରା ଉପୁଡିବା ସମୟରେ ଚେର କ୍ଷତିଗ୍ରସ୍ତ ହେବ ନାହିଁ ।
* ମନେ ରଖନ୍ତୁ ସବୁ ବେଳେ ଚାରାକୁ ସନ୍ଧ୍ୟା ସମୟରେ ତଳିପଟିରୁ ନେଇ ମୁଖ୍ୟ କ୍ଷେତରେ ରୋପଣ କରିବେ ।
* ୨ ଗ୍ରାମ ରିଡୋମିଲ୍‌କୁ ୧ ଲିଟର ପାଣିରେ ମିଶାନ୍ତୁ, ତଳିର ଚେର ଗୁଡିକୁ ୧୦ ମିନିଟ୍ ପାଇଁ ଏହି ମିଶ୍ରଣରେ ଭିଜାଇ ରଖନ୍ତୁ ।
* ଯେତିକି ତଳି ସେହି ଦିନ ସନ୍ଧ୍ୟା ସମୟରେ ରୋପଣ କରି ହେବ କେବଳ ସେତିକି ତଳିକୁ ତଳିପାଟିରୁ ଉଠାନ୍ତୁ ।

# ପନିପରିବା ତଳି ପକାଇବା ବିଧି







* ଧାଡିରୁ ଧାଡି ୨.୫ ଫୁଟ ଏବଂ ଚାରାରୁ ଚାରା ୨ ଫୁଟ ଦୂରତାରେ ଗାତ ଖୋଳନ୍ତୁ ।
* ପ୍ରତ୍ୟେକ ଗାତରେ ୧କିଲୋ ଗୋବର ଖତ ୧ ଗ୍ରାମ ଫୋରେଟ୍ ପକାଇ ମାଟିରେ ଭଲ ଭାବେ ମିଶାଇ ଦିଅନ୍ତୁ ।
* ତଳିକୁ ସିଧା ରଖି ଏହି ଚାରାକୁ ରୋପଣ କରନ୍ତୁ ଏବଂ ଭଲଭାବେ ମାଟିକୁ ଦାବି ଦିଅନ୍ତୁ ଯେପରି କି ପରବର୍ତ୍ତୀ ସମୟରେ ଚାରା ମୂଳଟି ଖାଲୁଆ ରହି ପାଣି ଜମିବ ନାହିଁ ।
* ଚାରା ରୋପଣ ସମୟରେ କୌଣସି ରାସାୟନିକ ସାର ପ୍ରୟୋଗ କରନ୍ତୁ ନାହିଁ । ପ୍ରଚଣ୍ଡ ସୂର୍ଯ୍ୟତାପରେ ଚାରା ନଷ୍ଟ ହେବାର ସମ୍ଭାବନା ରହିଥାଏ ।

## ରାସାୟନିକ ସାର ପ୍ରୟୋଗ ପରିମାଣ

| ହେକ୍ଟର ପ୍ରତି ଆବଶ୍ୟକ ସାର | ମୋଟ ଆବଶ୍ୟକ | ପ୍ରଥମ ମାତ୍ରା ରୋପଣର ୧୫ ଦିନ ପରେ | ଦ୍ୱିତୀୟ ମାତ୍ରା: ରୋପଣର ୩୦ ଦିନ ପରେ | ତୃତୀୟ ମାତ୍ରା: ରୋପଣର ୪୫ ପରେ ଦିନ ପରେ |
|---|---|---|---|---|
| ୟୁରିଆ (କିଗ୍ରା) | ୮ କିଗ୍ରା | ୨୫% | ୫୦% | ୨୫% |
| ଡି.ଏ.ପି. (କିଗ୍ରା) | ୧୦କିଗ୍ରା | ୭୫% | ୨୫% | |
| ପଟାସ୍ (କିଗ୍ରା) | ୧୦ କିଗ୍ରା | ୭୫% | ୨୫% | |

# ପନିପରିବା ତଳି ପକାଇବା ବିଧି

## ସମନ୍ୱିତ ପରିଚାଳନା





* ନିୟମିତ ଜଳସେଚନ କରନ୍ତୁ
* ଷ୍ଟାଟର ସଲ୍ୟୁସନ ପ୍ରସ୍ତୁତ କରନ୍ତୁ । (୩୦ ଗ୍ରାମ୍ ଡି.ଏ.ପି + ୭୫ ଗ୍ରାମ୍ ଏସ୍. ଏସ୍. ପି.କୁ ୧ ଲିଟର ପାଣିରେ ୧୨ ଘଣ୍ଟା ପର୍ଯ୍ୟନ୍ତ ପକାନ୍ତୁ)
* ମିଶିଗଲା ପରେ ୧୩ ଲିଟର ପାଣି ଏହାସହ ମିଶାଇ ପ୍ରତି ଗଛରେ ଗୋଟେ କପ (୨୦୦ ମି.ଲି) ଗଛର ମୂଳରେ ଦିଅନ୍ତୁ ।
* ଲଗାଇବା ପରଠାରୁ ଦିନେ ଛଡା ଦିନେ ଷ୍ଟାଟର ସଲ୍ୟୁସନ ପ୍ରୟୋଗ କରନ୍ତୁ ।
* ୧୦ ଦିନ ଭିତରେ ୨-୩ ଥର ପ୍ରୟୋଗ କରନ୍ତୁ ।

## ରାସାୟନିକ ପରିଚାଳନା

### ଚାରା ରୋପଣର ୧୧-୧୫ ଦିନ ମଧ୍ୟରେ

* ଜମିରେ ଗାତ ଖୋଳି ଏକ ପ୍ଲାଷ୍ଟିକ୍ ବିଛାଇ ସେଥିରେ ୧୫୦ କିଲୋ କୁକୁଡା/ ଛେଳି ଖତ, ୨୫ କିଲୋ ତେଲ ପିଡିଆ, ୫୦ କିଲେ ପାଉଁଶ, ୨୦୦ ଲିଟର ପାଣି ମିଶାଇ ଅଖା ଦ୍ୱାରା ଘୋଡେଇ ରଖି ଦିଆଯାଏ । ଏଥିରୁ ପାଣି ଶୁଖିଗଲା ପରେ ଏହି ପ୍ରାଣାମୃତକୁ ବ୍ୟବହାର କରାଯାଇଥାଏ । କୋଡାଖୋସା ସମୟରେ ପ୍ରତି ଗଛ ପିଛା ୪୦ରୁ ୫୦ ଗ୍ରାମ୍ ପ୍ରାଣାମୃତ ଏବଂ ୨୦ ଗ୍ରାମ୍ ଜିଆଖତକୁ ୪ ଇଞ୍ଚ୍ ଦୂରରେ ରିଙ୍ଗ୍ କରି ପ୍ରୟୋଗ କରନ୍ତୁ । କୀଟନାଶକ ଭାବେ ନିମାସ୍ତ୍ର ପ୍ରୟୋଗ କରନ୍ତୁ । ଏହାକୁ ବ୍ୟବହାର କରିବା ଦ୍ୱାରା ଗଛକୁ ଯବକ୍ଷାରଜାନ୍, ଫସ୍‌ଫରସ୍ ଏବଂ ପୋଟାସ୍ ମିଳିଥାଏ ।

## ସମନ୍ୱିତ ପରିଚାଳନା

* ମାଟି ଚଢାନ୍ତୁ ଏବଂ ଘାସ ବାଛନ୍ତୁ ।
* ଡି.ଏ.ପି. ୬ କିଲୋ, ପଟାସ୍ ୬ କିଲୋ ଏବଂ ୟୁରିଆ ୪ କିଲୋକୁ ମିଶାଇ ଗଛଠାରୁ ୬ ଇଞ୍ଚ୍ ଦୂରରେ ପ୍ରୟୋଗ କରନ୍ତୁ ।
* ଏକ୍‌ତାରା ୪ ଗ୍ରାମ, ରିଡୋମିଲ୍ ୧୦ ଗ୍ରାମ ଏବଂ ଧାନୁ ଭିଟ୍ ୪ ଏମ୍. ଏଲ୍ ୧୦ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ସ୍ପ୍ରେ କରନ୍ତୁ ।



# ଚାରା ରୋପଣର ୨୫ରୁ ୩୫ ଦିନ ମଧ୍ୟରେ

## *ସମନ୍ୱିତ ପରିଚାଳନା*

ଚାରା ରୋପଣର ୨୨-୨୫ ଦିନରେ : ଜୀବାଣୁଜନିତ ଝାଉଁଳା ନ ହେବ ପାଇଁ ୧୫ ଲିଟର ପାଣିରେ ୫୦୦ ମି.ଲି. ଦହି (ମଠାସ୍ତ୍ର) କୁ ପାଣିରେ ଗୋଳାଇ ସ୍ପ୍ରେ କରିବା କରିବେ, ଯେପରି ମନ୍ଦାର ମାଟି ୧ ଇଞ୍ଚ୍ ଓଦା ରହିବ ।

## *ରାସାୟନିକ ପରିଚାଳନା*

* ଏକ୍‌ତାରା ୪ଗ୍ରାମ୍, ସାଫ୍ ୨୦ ଗ୍ରାମ୍, ଧାନୁଭିଟ୍ ୪ ଏମ୍. ଏଲ୍, ୨୦୦ ଗ୍ରାମ୍ ୟୁରିଆ ପ୍ରତି ୧୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।
* ପ୍ରଥମ ସ୍ପ୍ରେ ର ୨ ଦିନ ପରେ କ୍ରୋଶିନ୍ ଏଜି ୧ ଗ୍ରାମ୍, ୨ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
* ବର୍ଷାଦିନ ପାଇଁ ମଜବୁତ ସାହାରା ବା ଟେକା ଦିଅନ୍ତୁ ।
* ସାଧାରଣତଃ ବାଉଁଶ କିମ୍ବା କାଠ ଦ୍ୱାରା ସାହାରା କିମ୍ବା ତାର ଦ୍ୱାରା ସାହାରା ଦିଆଯାଇପାରିବ ।






# ମୁଖ୍ୟ ପୋକ ଏବଂ ରୋଗ





**କାଣ୍ଡବିନ୍ଧା ଏବଂ ଫଳବିନ୍ଧା**

ଯେଉଁ ଫଳରେ ପୋକ ଲାଗିଥିବ ତାକୁ ତୋଳି ଜମିଠାରୁ ଦୂରରେ ପୋକକୁ ନଷ୍ଟ କରିଦିଅନ୍ତୁ ।

ଆଗ୍ନେୟାସ୍ତ୍ରର ପ୍ରୟୋଗ କରନ୍ତୁ ।

ରାସାୟନିକ ଉପାୟରେ ଏକାଲାକ୍ସ ୨ ମି.ଲି ଏବଂ ଏସିଫେଟ୍ ୨ ମି.ଲି ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ





**ପତ୍ର ମୋଡା**

ଏହି ରୋଗର କୌଣସି ପ୍ରତିକାର ନାହିଁ । ଏହା ଧଳା ମାଛି କିମ୍ୱା ଜଉ ପୋକ ଦ୍ୱାରା ସଂକ୍ରମିତ ହୋଇଥାଏ ।

ଏହାର ପ୍ରତିକାର ପାଇଁ ପ୍ରତି ସପ୍ତାହରେ ହାଣ୍ଡି ଖତ ଏବଂ ନିମାସ୍ତ୍ର ପ୍ରୟୋଗ କରନ୍ତୁ ।

ରାସାୟନିକ ଉପାୟରେ ଏକ୍ତାରା ୪ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।



**ଫଳସଢା ରୋଗ :**

ଏହା ଏକ କ୍ୟାଲସିୟମ୍ ଅଭାବ ଜନିତ ରୋଗ ।

ଫଳର ଆକାର ମଟର ଦାନା ପରି ହେଇଥିବା ସମୟରେ

ଅମୃତର ପ୍ରୟାଗ କରନ୍ତୁ କିମ୍ୱା କ୍ୟାଲସିୟମ୍ ନାଇଟ୍ରେଟ୍ ୩

ଗ୍ରାମ ପ୍ରତିଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

# ପତ୍ରପୋଡା କଳା ଦାଗ ଏବଂ ବୀଜାଣୁଜନିତ ଝାଉଁଳା

ପତ୍ରପୋଡାର ପ୍ରତିକାର ହେବା ପାଇଁ ମହୁଲାସ୍ତର ପ୍ରୟୋଗ କରନ୍ତୁ ।

ରାସାୟନିକ ପ୍ରତିକାର ପାଇଁ ସାଫ୍, ସିକ୍ସର କିମ୍ବା ବ୍ଲୁ କୋପର୍ ର ପ୍ରୟୋଗ କରନ୍ତୁ ।

ପତ୍ରଦାଗ ଏବଂ ବୀଜାଣୁଜନିତ ଝାଉଁଳା ରୋଗ ନ ହେବା ପାଇଁ ମଠାସ୍ତର ପ୍ରୟୋଗ କରନ୍ତୁ ।

ରାସାୟନିକ ପ୍ରତିରୋଧ ପାଇଁ କ୍ରୋସିନ୍- ଏଜି କିମ୍ବା ଷ୍ଟେପ୍ଟୋସାଇକ୍ଲିନ ଆକ୍ରାନ୍ତ ଗଛରେ ପ୍ରୟୋଗ କରନ୍ତୁ ।



ପତ୍ରପୋଡା




ପତ୍ର କଳା ଦାଗ



ବୀଜାଣୁଜନିତ ଝାଉଁଳା

# ଚାରା ରୋପଣର ୩୫ରୁ ୪୦ ଦିନ ମଧ୍ୟରେ

## ରାସାୟନିକ ପରିଚାଳନା

* ଫୁଲ ଆସିବା ସମୟରେ ପ୍ଲାନୋଫିକ୍ସ ୧ ମି.ଲି. ୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।
* ମାପିବା ପାଇଁ ସିରିଞ୍ଜ୍‌ର ବ୍ୟବହାର କରନ୍ତୁ ।
* ଧ୍ୟାନ ଦେବେ ଯେପରି ମାତ୍ର ଅଧିକ ନ ହୁଏ ନଚେତ ପୁରା ଫସଲ ନଷ୍ଟ ହୋଇଯିବ ।

## ସମନ୍ୱିତ ପରିଚାଳନା

<u>ଚାରା ରୋପଣର ୩୫ ଦିନରେ :</u> କାଣ୍ଡବିନ୍ଧା ଓ ଫଳବିନ୍ଧା ସମ୍ଭାବନା ଥିବାରୁ ୧୫ ଲିଟର ପାଣିରେ ୫୦୦ ମି.ଲି. ଆଗ୍ନେୟାସ୍ତ୍ର ଗୋଳାଇ ଫସଲରେ ସ୍ପ୍ରେ କରିବା ଆବଶ୍ୟକ । ସମୟ ସମୟରେ ଗଛର ପତ୍ର ହଳଦିଆ ପଡି ଝଡିଯାଏ, ଝାଉଁଳିଯାଏ । ଏହା ଏକ ଫିମ୍ପିଜନିତ ରୋଗ । ଏହାର ପ୍ରତିକାର ନିମନ୍ତେ ପ୍ରତିଲିଟର ପାଣିରେ ୩ରୁ ୪ ମି.ଲି ମହୁଲାସ୍ତ୍ର ଗୋଳାଇ ସ୍ପ୍ରେ କରନ୍ତୁ । ଫୁଲ ଆସିବା ସମୟରେ ୧୫ ଲିଟର ପାଣିରେ ୫୦ରୁ ୬୦ ମି.ଲି. ଅମୃତ (ଖସା, ଗହମ, ଚଣା, ମୁଗ, ହରଡ, ରୁମା ମଞ୍ଜି ଏବଂ ଗାଇ ଗୋବର ମିଶ୍ରଣରେ ପ୍ରସ୍ତୁତ) ସ୍ପ୍ରେ କରନ୍ତୁ ।

| | |
|---|---|
| ଚାରା ରୋପଣର ୪୦ ଦିନରେ : | ୨ୟ କୋଡାଖୋସା ଓ ସାର ପ୍ରୟୋଗ–<br>* ୧୦ ଡେସିମିଲ୍ ପାଇଁ, ୨୫ କିଗ୍ରା ପ୍ରାଣାମୃତ ଏବଂ ୨୦ କିଗ୍ରା ଜିଆ ଖତ ଗଛ କୋଡାଖୋସା କରି ପ୍ରୟୋଗ କରନ୍ତୁ ।<br>* ଗଛରେ କାଣ୍ଡ/ ମୂଳସଢା ନ ଲାଗିବା ପାଇଁ ମହୁଲସ୍ତ୍ରା ପ୍ରତି ଲିଟର ପାଣିରେ ୩-୪ ମି.ଲି ଗୋଳାଇ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୪୨ ଦିନରେ | କାଣ୍ଡବିନ୍ଧା ନ ହେବା ପାଇଁ ୧୫ ଲିଟର ପାଣିରେ ୫୦୦ ମି.ଲି. ଅଗ୍ନେୟାସ୍ତ୍ର ଗୋଳେଇ ଫସଲରେ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୪୪ ଦିନରେ | ଅମୃତ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୫୦ ଦିନରେ | କାଣ୍ଡବିନ୍ଧା ଓ ଫଳବିନ୍ଧା ରୋଗରୁ ରକ୍ଷା ପାଇବା ପାଇଁ ୧୫ ଲିଟର ପାଣିରେ ୫୦୦ ମି.ଲି ଆଗ୍ନେୟାସ୍ତ୍ର ଗୋଳାଇ ସ୍ପ୍ରେ କରନ୍ତୁ । |
| ଚାରା ରୋପଣର ୫୫ ଦିନରେ | ଅମୃତ ସ୍ପ୍ରେ |
| ଚାରା ରୋପଣର ୬୧ ଦିନରେ | ଆଗ୍ନେୟାସ୍ତ୍ର ସ୍ପ୍ରେ |

# ଚାରା ରୋପଣର ୪୦ରୁ ୭୧ ଦିନ ମଧ୍ୟରେ ନିର୍ଦ୍ଧାରିତ ସ୍ପ୍ରେ

## *ରାସାୟନିକ ପରିଚାଳନା*

| | |
|---|---|
| ୪୧ ଦିନ | ଏକାଲାକ୍ସ ୨ ମି.ଲି / ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ କିମ୍ବା ସିକ୍ସର୍ / ସାଫ ୨ ଗ୍ରାମ୍ / ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । |
| ୪୪ ଦିନ | ପ୍ଲାନୋଫିକ୍ସ/ ମଲ୍ଟିନୋଲ/ ମଲ୍ଟିପ୍ଲେକ୍ସ/ ଚମକ କିମ୍ବା କ୍ୟାଲସିୟମ୍ ନାଇଟ୍ରେଟ୍ ୩ଗ୍ରାମ୍/ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । |
| ୫୦ ଦିନ | ଏସିଫେଟ୍ ୨ ଗ୍ରାମ୍ / ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ କିମ୍ବା ସିକ୍ସର୍ / ସାଫ ୨ ଗ୍ରାମ / ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । |
| ୫୫ ଦିନ | ପ୍ଲାନୋଫିକ୍ସ / ମଲ୍ଟିନୋଲ୍ /ମଲ୍ଟିପ୍ଲେକସ୍/ ଚମକ କିମ୍ବା କ୍ୟାଲସିୟମ ନାଇଟ୍ରେଟ୍ ୩ ଗ୍ରାମ୍ / ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । |
| ୬୧ ଦିନ | ଏସିଫେଟ୍ + ଏକଲାକ୍ସ ୨ ଗ୍ରାମ୍ + ୨ ମି.ଲି. /୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ କିମ୍ବା ସିକ୍ସର୍ / ସାଫ ୨ ଗ୍ରାମ୍ / ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । |
| ୬୪ ଦିନ | ପ୍ଲାନୋଫିକ୍ସ/ ମଲ୍ଟିନୋଲ/ ମଲ୍ଟିପ୍ଲେକ୍ସ / ଚମକ କିମ୍ବା କ୍ୟାଲସିୟମ ନାଇଟ୍ରେଟ୍ ୩ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । |
| ୭୧ ଦିନ | ଏକାଲାକ୍ସ ୨ ମି.ଲି. / ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ କିମ୍ବା ସିକ୍ସର୍ ସାଫ ୨ ଗ୍ରାମ୍ / ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । |

### ସ୍ପ୍ରେ କରିବା ସମୟରେ ନିମ୍ନଲିଖିତ ସୂଚୀ ପ୍ରତି ଧ୍ୟାନ ଦିଅନ୍ତୁ :

* ୨୦ ଗ୍ରାମ୍ ୟୁରିଆ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।
* ସନ୍ଧ୍ୟା ସମୟରେ ସ୍ପ୍ରେ କରନ୍ତୁ ।
* ଫଳ ତୋଳିବା ପରେ ସ୍ପ୍ରେ କରନ୍ତୁ ।
* ୧ କିଲୋ ୟୁରିଆ ୨ ଥର ଫଳ ତୋଳିବା ପରେ ସ୍ପ୍ରେ କରନ୍ତୁ ।
* ହରମୋନ୍ ଠିକ୍ ମାତ୍ରାରେ ଦିଅନ୍ତୁ ।
* ହରମୋନ୍‌କୁ ଔଷଧ ସହ ମିଶାନ୍ତୁ ନାହିଁ ।

# ଅମଳ ପରବର୍ତ୍ତୀ ପରିଚାଳନା

ଗୁଣବତ୍ତାକୁ ବଜାୟ ରଖିବା ପାଇଁ ଏବଂ ଫଳର ସୁରକ୍ଷା ପାଇଁ ଅମଳ ପରବର୍ତ୍ତୀ ପରିଚାଳନା ନିତ୍ୟାନ୍ତ ଜରୁରୀ ।

## ଅମଳ ପରବର୍ତ୍ତୀ କ୍ଷତି:

ଅମଳ ପରେ ଜମିରୁ ନେଇ ଉପଭୋକ୍ତା ନିକଟରେ ପହଞ୍ଚିବା ଯାଏ ପରିମାଣରେ ଏବଂ ଗୁଣବତ୍ତାରେ ଟମାଟୋର ଅନେକ ପରିବର୍ତ୍ତନ ଘଟିଥାଏ ।


ଏହି କ୍ଷତି ଗୁଡିକ ହେଲା:

* ଅଧିକ ପାଚିଯିବାରୁ
* ଅପରିପକ୍ୱତା ଯୋଗୁଁ
* ପରିବହନ ଯୋଗୁଁ
* ଠିକ୍ ଭାବରେ ପ୍ୟାକିଙ୍ଗ୍ ନ ହେବାରୁ





# ଉନ୍ନତ ପଦ୍ଧତିରେ ତରଭୁଜ ଚାଷ





# ତରଭୁଜ ଚାଷ ସମ୍ବନ୍ଧରେ

ସାଧାରଣତଃ ତରଭୁଜ ଫସଲରେ ଜଳବାୟୁ, ମୃତ୍ତିକା, ବିହନ ବିଶୋଧନ,ଖାଦ୍ୟସାର ପରିଚାଳନା, ତୃଣ ଦମନ କରିବା ଆବଶ୍ୟକ । ଆବଶ୍ୟକ ସ୍ଥଳେ ହରମୋନ୍ ପ୍ରୟୋଗ ପରାଗ ସଙ୍ଗମ୍, ଅମଳ ଓ ଅମଳ ପରବର୍ତ୍ତୀ ଯତ୍ନ ଆଦି କେତେକ ଦିଗ ଉପରେ ସବିଶେଷ ଧ୍ୟାନ ଦିଆଯାଉଥିଲେ ମଧ୍ଯ କିସମ ଚୟନ, ଜଳବାୟୁ, ଖାଦ୍ୟସାର ପରିଚାଳନା ତଥା ଘାସ ନିୟନ୍ତ୍ରଣ କରିବା ହେତୁ ଏହି ଫସଲର ଅମଳ ଓ ମାନ ନିର୍ଦ୍ଧାରଣ ହୋଇଥାଏ ।

## ଜଳବାୟୁ :

ତରଭୁଜ, ଉଷ୍ମ ଜଳବାୟୁରେ ଭଲ ଭାବେ ହୋଇପାରୁଥିବାରୁ ଫେବୃୟାରୀ ମାସ ଏହି ଚାଷ ପାଇଁ ଉପଯୋଗୀ, କାରଣ ତାପମାତ୍ରା ୧୮-୨୧ ସେଲସିୟସ୍‌ରୁ କମ୍ ହେଲେ ଗଜା ହୁଏ ନାହିଁ ।

ଏଣୁ ୨୫-୩୦ ସେଲସିୟସ ତାପମାତ୍ରାରେ ଫସଲର ଅଙ୍କୁରଣ କ୍ଷମତା ଅଧିକଥିବାରୁ ଏହି ମାସ ଶେଷ ସୁଦ୍ଧା ଶେଷଥର ପାଇଁ ହଳ କରି ମାଟିକୁ ସମତୁଲ କରି ମନ୍ଦାରେ ଲଗାଇବା ଆବଶ୍ୟକ ।

ଏହା ଏକ ୯୦ ରୁ ୧୦୦ ଦିନିଆ ଫସଲ ।

## ଉପଯୁକ୍ତ ଜମି :



ପ୍ରାୟତଃ ସମସ୍ତ ପ୍ରକାର ମାଟିରେ ତରଭୁଜ ଚାଷ ହେଉଥିଲେ ମଧ୍ଯ ବାଲିଆ, ଦୋରସା, ମୋଟାଳ ମାଟିରେ ଏହି ଚାଷ ଭଲଭାବେ ହୋଇଥାଏ ।

ମାଟିର ଅମ୍ଳ ୫.୫ ରୁ ୭ ମଧ୍ୟରେ ରହିଲେ ଭଲ ଅମଳ ପ୍ରାପ୍ତ ହୋଇଥାଏ ।

## ଜମି ପ୍ରସ୍ତୁତି :

୩ ରୁ ୪ ଓଡ ଗଭୀର ଚାଷ କରନ୍ତୁ ।

୪୦୦ କିଲୋ ଚୂନର ପ୍ରୟୋଗ ପୁରାଜମିରେ କଲାପରେ ପୁଣି ଥରେ ହଳ ଚଲାନ୍ତୁ ଯେପରି ଚୂନ ମାଟିରେ ମିଶିଯିବ ।

# ରୋପଣ ବିଧି

* ଧାଡିରୁ ଧାଡି ୪ ଫୁଟ ଏବଂ ଗଛରୁ ଗଛ ୪ ଫୁଟ ଦୂରରେ ମନ୍ଦା ପ୍ରସ୍ତୁତ କରନ୍ତୁ ।
* ମନ୍ଦାର ଆକାର : ୧ ଫୁଟ x ୧ ଫୁଟ x ୧ ଫୁଟ ।
* ପ୍ରତ୍ୟେକ ମନ୍ଦାରେ ୧ କିଲୋ ଗୋବର ଖତ ୨୦ ଗ୍ରାମ୍ ପୋଟାସ୍, ୩୦ ଗ୍ରାମ୍ ଏନ.ପି.କେ ସାରା ଏବଂ ୨ ଗ୍ରାମ୍ ଥିମେଟ୍ ଦେଇ ଭଲ ଭାବରେ ମିଶାଇ ଦିଅନ୍ତୁ ।
* ପ୍ରତ୍ୟେକ ମନ୍ଦାରେ ୩ ଗୋଟି ତରଭୁଜ ମଞ୍ଜି ଲଗାନ୍ତୁ ।
* ବିହନକୁ ଅଙ୍କୁରିତ କରି ଲଗାନ୍ତୁ (୧୦ରୁ ୧୨ ଘଣ୍ଟା ପାଣିରେ ବତୁରାନ୍ତୁ)
* ଏହାପରେ ପାଣିରୁ ବାହାର କରି ସୁତୀ କପଡାରେ ବାନ୍ଧି ଗୋବର ଖତରେ ଘୋଡାଇ ୨ ଦିନ ପର୍ଯ୍ୟନ୍ତ ରଖନ୍ତୁ । ୨ ଦିନ ପରେ ଏହା ଅଙ୍କୁରିତ ହୋଇଯିବ ।
* ଜମିରେ ବୀଜ ରୋପଣ କାର୍ଯ୍ୟ ୧୫ ଜାନୁୟାରୀରୁ ୧୫ ଫେବୃୟାରୀ ମଧ୍ୟରେ ହୋଇଯିବା ଆବଶ୍ୟକ ।



# ତଳି ପ୍ରସ୍ତୁତ କରି ଲଗାଇବା ବିଧି

* ତରଭୁଜ ଚାଷରେ ତଳି ପ୍ରସ୍ତୁତ କରି ମଧ୍ୟ ଲଗାଯାଇ ପାରିବ ।
* ଗୋବର ଖତ, ମାଟି ଏବଂ ଧାନ ଚୋକଡ ୪:୨:୨ ଅନୁସାରେ ମିଶାଇ କଳା ରଙ୍ଗର ପୋଲିଟ୍ୟୁବ୍‌ରେ ଭରି ଦିଅନ୍ତୁ ।
* ୨ ଗ୍ରାମ୍ ରିଡୋମିଲ୍‌କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ଏବଂ ଗୋଟିଏ କରି ବୀଜ ପୋତନ୍ତୁ ।
* ପ୍ରତିଦିନ ଜଳସେଚନ କରନ୍ତୁ ।



# ରୋପଣ ପରବର୍ତ୍ତୀ ପରିଚାଳନା

- ଗଛରେ ୩ରୁ ୪ ପତ୍ର ବାହାରିଲେ ପ୍ରଥମ କୋଡାଖୋସା କରନ୍ତୁ ।
- ୧୦ ଡ଼େସିମିଲ୍ ଜାଗା ପାଇଁ ୪ କି.ଗ୍ରା ଡିଏପି ୩ କି.ଗ୍ରା ପୋଟାସ୍ କୁ ମନ୍ଦାରେ ଆଞ୍ଜୁଳାଏ କରିଦେଇ ମାଟି ଚଢାନ୍ତୁ ।
- ୧୫ରୁ ୨୦ ଦିନ ପରେ ଦ୍ୱିତୀୟ କୋଡାଖୋସା କରି ୩ କିଲୋ ଡି.ଏ.ପି ୨ କିଲୋ ପୋଟାସ୍ ଏବଂ ୧ କିଲୋ ୟୁରିଆ ସାର ପ୍ରୟୋଗ କରନ୍ତୁ ।
- ୨ଟି ପତ୍ର ଅବସ୍ଥାରେ ୨ ଗ୍ରାମ୍ ବାବିଷ୍ଟିନ୍ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ଯାହା ଦ୍ୱାରା ଫିମ୍ପି ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନା କମିଯାଏ ।
- ୩ ରୁ ୪ ପତ୍ର ଅବସ୍ଥାରେ ୧ ଗ୍ରାମ୍ ଏକ୍ତାରା ୩ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।
- ୨୫ରୁ ୩୦ ଦିନ ମଧ୍ୟରେ ମଲ୍ଟିନୋଲ୍, କିମ୍ବା ଚମକ ୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।
- ୪୦ରୁ ୫୦ ଦିନ ମଧ୍ୟରେ ୨ ଗ୍ରାମ୍ ବୋରନ୍ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ଏହାଦ୍ୱାରା ଫଳ ଫାଟିବା ସମସ୍ୟାରୁ ମୁକ୍ତି ମିଳିଥାଏ ।
- ଗଛର ୨ରୁ ୩ ଫୁଟ ମଧ୍ୟରେ ଫୁଟିଥିବା ଫୁଲକୁ କାଢି ଦିଅନ୍ତୁ । ଏହାଦ୍ୱାରା ଅନ୍ୟ ଫଳଗୁଡିକର ବିକାଶ ଠିକ୍ ଭାବେ ହୋଇଥାଏ ।









# ରୋଗ ନିୟନ୍ତ୍ରଣ

**ମୂଳସଢା ରୋଗ:** ଏହା ଏକ ମାଟିଜାତ ରୋଗ । ଏହାଦ୍ୱାରା କାଣ୍ଡର ମୂଳଭାଗ ସଢିଯାଏ । ଏହି ରୋଗ ମାଟି ଭିତରେ ଥାଏ ଯାହାକି ଅନୁକୂଳ ପରିବେଶ ପାଇଲେ ବଢିଯାଏ ।

ଲକ୍ଷଣ: ମୂଳ ସଢିଯାଏ ଏବଂ ଗଛଟି ମୂଳରୁ ପଡିଯାଏ ।





## ପ୍ରତିକାର :

* ଖରାଟିଆ ହଳ ସମୟରେ ସଢା ଗୋବରର ପ୍ରୟୋଗ କଲେ ଏହି ରୋଗ କମି ଯାଇଥାଏ ।
* ପାଣି ନ ଜମିଲେ ଏହି ରୋଗ କମିଯାଇଥାଏ ।
* ଯେଉଁ ଗଛ ଆକ୍ରାନ୍ତ ହୋଇଯାଇଥାଏ ତାକୁ ମାଟି ସହ ଉପାଡି ଦୂର ସ୍ଥାନରେ ପକାନ୍ତୁ ।
* ଏହି ରୋଗରେ ମଠାସ୍ତ୍ରର ପ୍ରୟୋଗ ଲାଭକାରୀ ହୋଇଥାଏ ।
* ୨ ଗ୍ରାମ୍ ସାଫ୍ କିମ୍ୱା ୨ ଗ୍ରାମ୍ ବାଭିଷ୍ଟିନ୍‌କୁ ୧ ଲିଟର ପାଣିରେ ମିଶାଇ ମୂଳରେ ପ୍ରୟୋଗ କରନ୍ତୁ ।





## ପତ୍ରପୋଡା ରୋଗ:

* ୮ରୁ ୧୦ ଦିନ ଅନ୍ତରାଳରେ ୫୦ରୁ ୬୦ ମି.ଲି ମହୁଲାସ୍ତ୍ର ୧୫ ଲିଟର ପାଣିରେ ମିଶାଇ ଗଛରେ ସ୍ପ୍ରେ କରନ୍ତୁ ।
* ସାଫ୍ ୨ ଗ୍ରାମ୍ କିମ୍ୱା ଏଣ୍ଟ୍ରାକୋଲ୍ ୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।
* ୮ରୁ ୧୦ ଦିନ ଅନ୍ତରାଳରେ ୫୦ରୁ ୬୦ ମି.ଲି. ମହୁଲାସ୍ତ୍ର ୧୫ ଲିଟର ପାଣିରେ ମିଶାଇ ଗଛରେ ସ୍ପ୍ରେ କରନ୍ତୁ ।

# ପୋକ ନିୟନ୍ତ୍ରଣ





* ହାଣ୍ଡିଖତ ଏବଂ ଆଗ୍ନେୟସ୍ତ୍ରକୁ ଅଦଳ ବଦଳ କରି ସ୍ପ୍ରେ କରନ୍ତୁ ।
* ପତ୍ରକଟା ପୋକ ପାଇଁ କନଫିଡ଼ର୍ ୪ ମି.ଲି ୧୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।
* ଫଳମାଛି ପାଇଁ ୧୦ ଡିସିମିଲ୍ ଖେତ ପାଇଁ ୨ରୁ ୩ଟି ଫେରମନ୍ ଯନ୍ତା ବ୍ୟବହାର କରନ୍ତୁ ।

# ପରିଚାଳନା ସାରଣୀ

| କ୍ର.ନଂ. | ସାମଗ୍ରୀ | ମାତ୍ରା | ଦର | ମୋଟ |
|---|---|---|---|---|
| ୧. | ବିହନ | ୫୦ଗ୍ରାମ୍ | | ୬୦୦୬୦୦ |
| ୨. | ଡି.ଏ.ପି | ୧୫ କିଲୋ | ୩୦ | ୪୫୦ |
| ୩. | ଚୂନ | ୪୦ କିଲୋ | ୮ | ୩୨୦ |
| ୪. | ପୋଟାସ୍ | ୭କିଲୋ | ୨୦ | ୧୪୦ |
| ୫. | ୟୁରିଆ | ୨୦କିଲୋ | ୧୦ | ୨୦୦ |
| ୬. | ଥିମେଟ୍ | ୧ କିଲୋ | ୮୦ | ୮୦ |
| ୭. | ଏକତାରା | ୨୦ ଗ୍ରାମ୍ | ୨୭/୫ ଗ୍ରାମ୍ | ୧୦୮ |
| ୮. | ବାବିଷ୍ଟିନ୍ | ୧୦୦ଗ୍ରାମ୍ | ୧୧୫/୧୦୦ଗ୍ରାମ୍ | ୧୧୫ |
| ୯. | ସାଫ | ୫୦ ଗ୍ରାମ୍ | ୧୮/୨୫ ଗ୍ରାମ୍ | ୩୬ |
| ୧୦ | ଚମକ | ୧୦୦ଗ୍ରାମ୍ | ୪୨/୫୦ ଗ୍ରାମ୍ | ୮୪ |
| ୧୧. | ଫେରମୋନ୍ ଯନ୍ତା | | | |
| | | | ମୋଟ | ୨୧୩୩ |



# ଉନ୍ନତ ପଦ୍ଧତିରେ ଖମ୍ବଆଳୁ ଚାଷ





# ଜଳବାୟୁ ମୃତ୍ତିକା ଏବଂ କିସମ

**ଜଳବାୟୁ:** ଆମ ରାଜ୍ୟରେ ଅନେକ ଅଞ୍ଚଳରେ ଏହି ଚାଷ ଲାଭଜନକ ଭାବେ କରାଯାଇପାରିବ । ଉଷ୍ମ ଓ ଆର୍ଦ୍ର ଜଳବାୟୁରେ ଭଲ ହୋଇଥାଏ । ଗଛ ବୃଦ୍ଧି ସମୟରେ ଲମ୍ବା ଦିନ ଓ ଆଳୁ ବୃଦ୍ଧି ସମୟରେ ଛୋଟ ଦିନ ଦରକାର । ୨୬-୩୧ ଡିଗ୍ରୀ ସେଲସିୟସ୍ ଉତ୍ତାପ ରେ ଭଲ ବଢିଥାଏ ।

**ମୃତ୍ତିକା:** ନିଗିଡା, ଉର୍ବର, ଗଭୀର, ବାଲିଦୋରସା ଏବଂ ଅମ୍ଳୀୟତା ୫-୮ ଥିବା ମାଟିରେ ଖାଦ୍ୟ ଆଳୁ ଚାଷ ଭଲ ହୋଇଥାଏ ।

**କିସମ :** ବ୍ୟବସାୟିକ ଦୃଷ୍ଟିରୁ ମୁଖ୍ୟତଃ ୩ ପ୍ରକାର ପଦ୍ଧତିରେ ଖାଦ୍ୟଆଳୁ ଚାଷ କରାଯାଏ ।

କେତେକ ଉନ୍ନତ ଓ ଅଧିକ ଅମଳକ୍ଷମ କିସମ ନିମ୍ନରେ ପ୍ରଦାନ କରାଗଲା ।

| ଆଳୁର ପ୍ରକାର | ଉନ୍ନତ କିସମ | ବିହନର ଓଜନ (ଗ୍ରାମ୍) | ବିହନର ପରିମାଣ (କ୍ୟୁ/ଏକର) | ଲଗାଇବା ଦୂରତା ମନ୍ଦା-ମନ୍ଦା (ସେ.ମି.) | ଗାତର ଆକାର (ସେ.ମି) (ଲମ୍ବ-ପ୍ରସ୍ଥ-ଗଭୀର) |
|---|---|---|---|---|---|
| ଛୋଟ | ଶ୍ରୀକଳା<br>ଶ୍ରୀ ଲତା | ୧୨୫-୧୫୦ | ୬-୮ | ୭୫-୭୫ | ୨୫-୨୫-୨୫ |
| ବଡ | ଶ୍ରୀ ରୂପା<br>ଶ୍ରୀ କୀର୍ତ୍ତି | ୨୦୦-୨୫୦ | ୮-୧୦ | ୯୦-୯୦ | ୪୫-୪୫-୪୫ |
| ଧଳା | ଶ୍ରୀ ଶୁଭ୍ରା<br>ଶ୍ରୀ ଧନ୍ୟା | ୨୦୦-୨୫୦ | ୮-୧୦ | ୭୫-୭୫ | ୪୫-୪୫-୪୫ |

# ଜମି ପ୍ରସ୍ତୁତି ଓ ବିହନ ଲଗାଇବା ପ୍ରଣାଳୀ

* ଜମିର ପ୍ରକାର ଅନୁସାରେ ୨ ରୁ ୩ ଓଡ ଗଭୀର ହଳ କରନ୍ତୁ ।
* ମହି ଦେଇ ମାଟିକୁ ଭଲ ଭାବେ ଗୁଣ୍ଡକରି ସମତୁଳ କରନ୍ତୁ ।
* ଧାଡିକୁ ଧାଡି ୯୦ ସେ.ମି. ଏବଂ ଗଛକୁ ଗଛ ୯୦ ସେ.ମି ବ୍ୟବଧାନରେ ୪୫ ସେ. ମି. ଗଭୀର ଏବଂ ୪୫ ସେ.ମି. ଗୋଲେଇର ଗାତ ଖୋଳନ୍ତୁ ।
* ଜମି ଉପର ଉର୍ବର ମାଟିସହିତ ଗୋବର ଖତ ଭଲ ଭାବେ ମିଶାଇ ଗାତ ଗୁଡିକରେ ଭରନ୍ତୁ ।
* ପ୍ରତି ଗାତରେ ଗୋଟିଏ ବିହନ ଆଳୁ ୫ରୁ ୮ ସେ.ମି. ଗଭୀରରେ ପୋତି ମାଟି ଘୋଡାଇ ଦିଅନ୍ତୁ ।
* ବିହନ ଲଗାଇବା ପରେ ୨ ଇଞ୍ଚ ବହଳର ଶୁଖିଲା ପତ୍ର ବା ଛଣ ବିଛାଇଲେ ଅଙ୍କୁରଣ ଶୀଘ୍ର ହୁଏ ।
* ମାଟି ପରୀକ୍ଷା କରି ମାଟିର ଉର୍ବରତା ଅନୁସାରେ ସାର ଓ ଖତ ପ୍ରୟୋଗ କରିବା ଆବଶ୍ୟକ ।

<u>ବିହନ ଲାଗଇବା ପ୍ରଣାଳୀ :</u> ଖମ୍ବଆଳୁ ଗୋଟା ଓ କାଟି କରି ଲଗାଯାଏ । ୧୦ଲିଟର ପାଣିରେ ୧ କିଲୋ ଗୋବର, ୨୦ ଲିଟର ଗାଈ ପରିଶ୍ରା କିମ୍ବା ୨୦ ଗ୍ରାମ୍ ମେନକୋଜେବ ମିଶାଇ ଲଗେଇବା ପୂର୍ବରୁ କଟା ବା ଗୋଟା ଆଳୁକୁ ୫ରୁ ୬ ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ । ଏହାପରେ ରୋପଣ କରନ୍ତୁ ।






**ସାର ପ୍ରୟୋଗ:** ମାଟିର ଉର୍ବରତା ବଜାୟ ରଖିବା ପାଇଁ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ ପ୍ରୟୋଗ କରନ୍ତୁ ।

| ସାର ଉପାଦାନ | ଛୋଟ ଖମ୍ବ ଆଳୁ | | ଧଳା ଓ ବଡ ଖମ୍ବ ଆଳୁ | |
|---|---|---|---|---|
| | ୩୦-୪୫ ଦିନରେ | ୬୦-୭୫ ଦିନରେ | ୩୦-୪୫ ଦିନରେ | ୬୦-୭୫ ଦିନରେ |
| ଯବକ୍ଷାରଜାନ | ୧୬ | ୧୬ | ୩୨ | ୩୨ |
| ପୋଟାସିୟମ | ୧୬ | ୧୬ | ୧୬ | ୧୬ |

ଖମ୍ବଆଳୁ ବିହନରୁ ଗଜା ବାହାରିବା ମାତ୍ରେ ରଞ୍ଜାରେ ମଡ଼ାଇବା ଆବଶ୍ୟକ ।





# ଜଳସେଚନ ଓ ଅନ୍ତଫସଲ

## ଜଳସେଚନ :

ପ୍ରାରମ୍ଭିକ ସମୟରେ ସପ୍ତାହକୁ ଥରେ ଜଳସେଚନ କରନ୍ତୁ ।

ପରବର୍ତ୍ତୀ ସମୟରେ ୧୦ ଦିନରେ ଜଳସେଚନ କରନ୍ତୁ ।

ବର୍ଷାଦିନେ ଜଳସେଚନର ଆବଶ୍ୟକତା ନାହିଁ ।

## ଅନ୍ତ ଫସଲ:

ଡାଲି ଜାତୀୟ ଫସଲ ଯେପରିକି ଝୁଡଙ୍ଗ, ବିନ, କୋଳଥ, ଚଣା ଇତ୍ୟାଦି ଚାଷ କରି ଅତିରକ୍ତ ଆମଦାନୀ କରାଯାଇପାରିବ ।







# ରୋଗ ପରିଚାଳନା









## ଫିମ୍ପିଜନିତ ପତ୍ରଦାଗ:

ପତ୍ରରେ ପ୍ରଥମେ ବାଦାମୀ ଏବଂ ପରବର୍ତ୍ତୀ ସମୟରେ କଳାଦାଗ ହୋଇଯାଇଥାଏ ଯାହା ଫଳରେ ଆଲୋକ ସଂଶ୍ଳେଷଣର ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ ଏବଂ ଅମଳ ହ୍ରାସପାଏ ।

## ପ୍ରତିକାର :

* ରୋଗ ସହନୀୟ କିସମର ଚୟନ କରନ୍ତୁ ।
* ମହୁଲାସ୍ୱ ୨୫୦ ମି.ଲି ୧୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

## ମୋଜାଇକର ଲକ୍ଷଣ:

* ଏହା ଏକ ଭୂତାଣୁଜନିତ ରୋଗ ।
* ପତ୍ର ଗୁଡିକରେ ହଳଦିଆ ଏବଂ ସବୁଜ ମିଶା ରଙ୍ଗ ଦେଖାଯାଏ ।
* ଲତାଟି ବଢିପାରେ ନାହିଁ ।
* ଖମ୍ବଆଳୁଟି ଛୋଟ ହୁଏ ଏବଂ ସେଥିରେ ଷ୍ଟାର୍ଚ ମାତ୍ରା କମିଯାଏ ।

## ପ୍ରତିକାର

* ସବୁବେଳେ ସୁସ୍ଥ ଏବଂ ରୋଗ ମୁକ୍ତ ବିହନ ଲଗାନ୍ତୁ ।
* ଜମିକୁ ଘାସମୁକ୍ତ ରଖନ୍ତୁ ।

# ରୋଗ ପରିଚାଳନା





## କନ୍ଦସଢା

* ପ୍ରଥମେ ଆକ୍ରାନ୍ତ ହୋଇଥିବା ମୂଳଟି ୧ରୁ ୨ ସେ.ମି. ସଢିଯାଏ । ପରବର୍ତ୍ତୀ ସମୟରେ କନ୍ଦଟି ପୂର୍ଣ୍ଣ ରୂପେ ସଢିଯାଇ କଳାରଙ୍ଗର ହୋଇଯାଏ ।

## କାରଣ:

* ଖମ୍ବ ଆଳୁ ଖୋଳିବା ବେଳେ କନ୍ଦରେ କ୍ଷତ ଥିଲେ, ଏଥିରେ ଭୂତାଣୁ ସଂକ୍ରମଣ ହୋଇଥାଏ ।
* ଜମିରେ ସୂତ୍ରକୃମିର ପ୍ରକୋପ ଯୋଗୁଁ ହୋଇଥାଏ ।

## ପ୍ରତିକାର:

* ବିହନ ଲଗାଇବା ପୂର୍ବରୁ ଜମିରେ କୃଷି ଅବଶେଷକୁ ଜମି ମଧ୍ୟରେ ଜାଳି ଦିଅନ୍ତୁ ।
* ଜମିରେ ପାଉଁଶ, ନିମ୍ବ ପିଡିଆର ପ୍ରୟୋଗ କରନ୍ତୁ ।





## ମିଲିବଗ୍ (ଶୋଷକ କୀଟ)

* ଏହାଏକ ଶୋଷକ କୀଟ ଯାହା ପତ୍ର କିମ୍ବା ସଂରକ୍ଷିତ କନ୍ଦରେ ଲାଗିଥାଏ ।

## ପ୍ରତିକାର :

* ୧ ଲିଟର ପାଣିରେ ୩୦ ମି.ଲି. ହାଣ୍ଡିଖତ ମିଶାଇ ସ୍ପ୍ରେ କରନ୍ତୁ । କିମ୍ବା ଏକ୍ତାରା ୦.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ ପତ୍ର ରେ ସ୍ପ୍ରେ କରନ୍ତୁ ।

# ପରବର୍ତ୍ତୀ ଯତ୍ନ ଏବଂ ଅମଳ

ପଛର ପତ୍ର ହଳଦିଆ ପଡି ଶୁଖିଆସିଲେ ଖମ୍ବ ଆଳୁ ଅମଳ କରାଯାଏ । ଛୋଟ ଖମ୍ବଆଳୁ ୭-୮ ମାସରେ ଏବଂ ବଡ ଓ ଧଳା ଖମ୍ବ ୯-୧୦ ମସାରେ ଅମଳ ଯୋଗ୍ୟ ହୋଇଥାଏ । ଖୋଳିବା ପରେ ଖଣ୍ଡିଆ ଖାବରା ଆଳୁ ଗୁଡିକୁ ବାଛିଦେବା ଉଚିତ୍ । ଆଳୁକୁ ପରିଷ୍କାର କରି ମାଲିକ୍ ହାଇଡ୍ରାଜାଇଡ୍ (୧ଗ୍ରାମ/ଲିଟର) ଦ୍ରବଣ ୧୦ ଘଣ୍ଟା ବୁଡାଇ ଛାଇରେ ଶୁଖିଲା ପରେ ସାଇତି ରଖନ୍ତୁ । ଖମ୍ବ ଆଳୁରେ ଗଜା ବାହାରିଲେ ତାକୁ ସଙ୍ଗେ ସଙ୍ଗେ ଭାଙ୍ଗି ଦେବା ଉଚିତ୍ । ଏକର ପ୍ରତି ହାରାହାରି ୮୦-୧୫୦ କ୍ୟୁଣ୍ଟାଲ୍ ଖମ୍ବ ଆଳୁ ଅମଳ କରାଯାଇଥାଏ ।






# ଅମଳ ପରବର୍ତ୍ତୀ ସଂରକ୍ଷଣ

## ସଂରକ୍ଷଣ କିପରି କରିବେ ?

* ଜାଗା ଶୁଖିଲା ହେବା ଆବଶ୍ୟକ ।
* ପର୍ଯ୍ୟାପ୍ତ ପବନ ଚଳଚଳ ହେଉଥିବ ।
* ପ୍ରତି ସପ୍ତାହରେ ନିରୀକ୍ଷଣ କରନ୍ତୁ ।
* ଏହାକୁ ଶୀତଳ ଭଣ୍ଡାରରେ ରଖାଯାଇ ପାରିବ ନାହିଁ ।
* ଖମ୍ୱଆଳୁ କୁ ୬ ମାସ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇପାରିବ ।

### ବିଭିନ୍ନ ପ୍ରକାରର ସଂରକ୍ଷଣ ମଡେଲ



# ଉନ୍ନତ ପଦ୍ଧତିରେ
# ପୋଟଳ ଚାଷ







# ୧୦ ଡେସିମିଲ୍ ଜମିରେ ପୋଟଳ ଚାଷ

## ବିହନ ଚୟନ ଓ ବିଶୋଧନ



ମାଈ ଫୁଲ ଅଣ୍ଡିରା ଫୁଲ



ଚେର ଚୟନ ଓ ସଂଗ୍ରହଣ

* ଚେର ଦ୍ୱାରା ବଂଶବିସ୍ତାର ।
* ପୋଟଳରେ ମାଈ ଓ ଅଣ୍ଡିରା ଚେର ଓ ଫୁଲ ଅଲଗା ଅଲଗା ହୋଇଥାଏ ।
* ମାଈ ଚେର ଚିକିଣିଆ, ମସୃଣ ଥାଏ, ଅଗ୍ରଭାଗକୁ ତଳପଟରୁ ସରୁ ହୋଇଥାଏ ।
* ମାଈ ଓ ଅଣ୍ଡିରା ଚେର ଚିହ୍ନଟ କରି ଅଲଗା ଅଲଗା ଭାବରେ ଚେର ସଂଗ୍ରହ କରନ୍ତୁ ।
* ବହୁତ ମୋଟା କିମ୍ୱା ସରୁ ଚେର ନବାଛି ବୁଢ଼ା ଆଙ୍ଗୁଳି ମୋଟାର ଚେର ସଂଗ୍ରହ କରନ୍ତୁ ।
* ୧୦ ଲିଟର ପାଣିରେ ୨୦ ଗ୍ରାମ୍ କାର୍ବେଣ୍ଡାଜିମ୍, ୧୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ଓ ୧୫ ମିଲି ମନୋକ୍ରୋଟୋଫସ୍ ପକାଇ ଚେରକୁ ୧୦ ମିନିଟ୍ ବୁଡ଼ାଇ ଛାଇରେ ଶୁଖାନ୍ତୁ ।
* ପ୍ରତି ୭:୧ ଅନୁପାତରେ ମାଈ ଚେର ଓ ଅଣ୍ଡିରା ଚେର ସଂଗ୍ରହ କରି ଲଗାନ୍ତୁ ।

# ବିହନ ଚୟନ ଓ ବିଶୋଧନ

## ଡ଼ଙ୍କ ଦ୍ୱାରା ବଂଶ ବିସ୍ତାର





* ଜୁଲାଇ ଅଗଷ୍ଟ ମାସରେ ୨-୩ ଗଣ୍ଠି ଥିବା ୧୦-୧୫ ସେ.ମି ଲମ୍ୱ ପାକଳ ଡ଼ାଳ ସଂଗ୍ରହ କରନ୍ତୁ ।
* ୧ ଲିଟର ପାଣି ରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ଓ ୨ ଗ୍ରାମ୍ ମନୋକ୍ରୋଟୋଫସ୍ ମିଶାଇ ଡ଼ଙ୍କ ଖଣ୍ଡକୁ ୧୦-୧୫ ମିନିଟ ବୁଡ଼ାଇ ବିଶୋଧନ କରନ୍ତୁ ।
* ରୁଟେକ୍ସ ବା ସେରାଡ଼ିକ୍ସ ୧ ସହ ଅଳ୍ପ ପାଣି ମିଶାଇ ବହଳିଆ ଦ୍ରବଣ ପ୍ରସ୍ତୁତ କରି ତହିଁ ରେ ଡ଼ଙ୍କ ତଳ ଅଂଶକୁ ବୁଡ଼ାଇ ବାଲିରେ ପୋତନ୍ତୁ ।
* ୩୦ ଦିନ ପରେ ଏହି ଡ଼ଙ୍କ ଖଣ୍ଡକୁ ମାଟି, ଖତ ଓ ବାଲି ଭର୍ତ୍ତି ହୋଇଥିବା ଜରି/ମୁଣାରେ ପୋତି ଦିଅନ୍ତୁ ।
* ୭୦-୮୦ ଦିନରେ ଚାରା କୁ ଜମି ରେ ଲଗାନ୍ତୁ ।

# ମନ୍ଦା ପ୍ରସ୍ତୁତି, ଚାରା ରୋପଣ ଓ ଖାଦ୍ୟସାର ପରିଚାଳନା







୧) ଜମିକୁ ହଳ କରି ଘାସ ପତ୍ର ବାଛିଦିଅନ୍ତୁ ।

୨) ଧାଡ଼ିକୁ ଧାଡ଼ି ୫ ଫୁଟ ଓ ମନ୍ଦାକୁ ମନ୍ଦା ୪ ଫୁଟ ଦୂରତାରେ (୧.୫ ଫୁଟ ଲମ୍ବା, ୧.୫ ଫୁଟ ଓସାର ଓ ୧.୫ ଫୁଟ ଗଭୀର) ମନ୍ଦା ପ୍ରସ୍ତୁତ କରନ୍ତୁ ।

୩) ଚେର କିମ୍ବା ଚାରା ଲଗାଇବାର ୩ ଦିନ ଆଗରୁ ମନ୍ଦା ପ୍ରତି ୨ କି.ଗ୍ରା ଶୁଖିଲା ଗୋବର ଖତ, ୫୦ ଗ୍ରାମ ନିମ୍ବ ପିଡ଼ିଆ ୩୦ ଗ୍ରାମ୍ ଡ଼ି.ଏ.ପି. ୧୦ଗ୍ରାମ୍ ପଟାସ୍ ଓ ୩-୪ ଗ୍ରାମ୍ କାର୍ବୋଫୁରାନ୍ କୁ ଭଲ ଭାବରେ ମିଶାଇ ଦିଅନ୍ତୁ ।

୪) ଚେର ମନ୍ଦାରେ ଲଗାଇ ସାରିଲା ପରେ ଅଳ୍ପ କିଛି ନଡ଼ା ଘୋଡ଼ାଇ ଦେଲେ ଶୀଘ୍ର ଗଜା ଉଠିଥାଏ ।

୫) ଚେର ବା ଡ଼ଙ୍କ ଲଗାଇବାର ୪-୫ ଦିନ ପରେ କାର୍ବେଣ୍ଡାଜିମ୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ଗଛ ମୂଳ ଓ ମାଟିକୁ ଓଦା କରନ୍ତୁ ।

୬) ଲଗାଇବାର ୬୦ ଦିନ ପରେ ମନ୍ଦାପ୍ରତି ୧୦ ଗ୍ରାମ୍ ୟୁରିଆ ସହ ୧୦ ଗ୍ରାମ୍ ୟୁରିଆ ସହ ୩-୪ ଗ୍ରାମ୍ ଅଣୁସାର ପ୍ରୟୋଗ କରନ୍ତୁ ।

୭) ଲଗାଇବାର ୬୦ ଦିନ ପରେ ମନ୍ଦାପ୍ରତି ୧୦ ଗ୍ରାମ୍ ୟୁରିଆ ସହ ୧୦ ଗ୍ରାମ୍ ପଟାସ ପ୍ରୟୋଗ କରନ୍ତୁ ।

୮) ୧୦୦ ଦିନ ବେଳକୁ ମନ୍ଦାପ୍ରତି ୧୫ ଗ୍ରାମ୍ ୟୁରିଆ ପ୍ରୟୋଗ କରନ୍ତୁ ।

୯) ୧୫୦ ଦିନ ବେଳକୁ ମନ୍ଦାପ୍ରତି ୧୫ ଗ୍ରାମ୍ ୟୁରିଆ ପୟୋଗ କରନ୍ତୁ ।

୧୦) ଗଛ ଲଗାଇବାର ୨ ମାସ ଓ ୪ ମାସରେ ପ୍ଲାଡ଼େ (୧ ଲିଟର ପାଣିରେ ୨ ଗ୍ରାମ୍) କିମ୍ବା ଟ୍ରାସେଲ (Tracel) (୧ ଲିଟର ପାଣିରେ ୨ ଗ୍ରାମ୍) କିମ୍ବା ଆଗ୍ରୋମିନ୍ (୧ ଲିଟର ପାଣିରେ ୩ ମି.ଲି) ଗଛରେ ସ୍ପ୍ରେ କରନ୍ତୁ ।

# ପରବର୍ତ୍ତୀ ଯତ୍ନ





୧) ବର୍ଷାଦିନରେ ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

୨) ଖରାଦିନରେ ଜମିର ବତର ଦେଖି ପ୍ରତି ୫ ରୁ ୭ ଦିନରେ ପାଣି ଦିଅନ୍ତୁ ।


୩) ଚେର ଗଜା ହୋଇ ଡ଼ଙ୍କ ତଳେ ମାଡ଼ିଲେ ରଞ୍ଜା ଦେଇ ତାକୁ ଉପରକୁ ଉଠାଇଦିଅନ୍ତୁ ।

୪) ଫଳ ଓ ଫୁଲ ବଢ଼ାଇବା ପାଇଁ ଭିପୁଲ୍ (Vipul), ମିରାକୁଲାନ୍ (Miraculan) ଫାନ୍‌ଟାକ୍ (Fantac), ଡ଼ବଲ୍ (Double), ସିଆପଟ୍ରନ୍ ଆଦି ଯେକୌଣସି ହରମୋନ୍ ୭.୫-୧୦ ମିଲି. ପ୍ରତି ୧୫ ଲିଟର ପାଣିରେ ମିଶାଇ ୨ ର ସ୍ପ୍ରେ କରନ୍ତୁ ।

୫) ଗଛର ବୃଦ୍ଧି କମ୍ ହେଉଥିଲେ ୧୦୦ ଗ୍ରାମ୍ ୟୁରିଆ ୧୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

୬) ଶୀତ ଦିନେ ଅଧିକ ଥଣ୍ଡା ପଡ଼ିଲେ ଡ଼ଙ୍କ ଶୁଖିଯାଏ । ତେଣୁ ଜାନୁୟାରୀ ମାସରେ ଡ଼ଙ୍କ କାଟି କୋଡ଼ା ଖୋଷା କରି ସାର ପ୍ରୟୋଗ କରନ୍ତୁ ।



# ରୋଗ ପୋକ ପରିଚାଳନା

## ମୂଳ ସଢ଼ା ରୋଗ



୧) ଏହି ରୋଗର ଗଛର ମୂଳ ସଢ଼ିଯାଇ ସମ୍ପୁର୍ଣ୍ଣ ରୁପେ ମରିଯାଏ ।

୨) ନିୟମିତ ଜଳସେଚନ କରନ୍ତୁ ଓ କମ୍ ଯବକ୍ଷାରଜାନ ସାର ସହ ଅନୁମୋଦିତ ପଟାସ୍ ସାର ପ୍ରୟୋଗ କରନ୍ତୁ ।

୩) ଏକ ଲିଟର ପାଣିରେ ୨ ଗ୍ରାମ୍ ରିଡ଼ୋମିଲ୍ ଓ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ (Plantomycin) ମିଶାଇ ମୂଳ ଓ ମୂଳପାଖ ମାଟିକୁ ଭଲ ଭାବରେ ଭିଜାଇ ଦିଅନ୍ତୁ ।

୪) ୮-୧୦ ଦିନ ପରେ ୨ ଗ୍ରାମ୍ (Metalyxl) ମେଟାଲିକ୍ସ ଓ ମାନ୍କୋଜେବ୍ ମିଶ୍ରିତ ଔଷଧ ସହ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ ଲିଟର ପାଣିରେ ମିଶାଇ ପୂର୍ବ ପରି ସ୍ପ୍ରେ କରନ୍ତୁ ।

## ପତ୍ରପୋଡ଼ା ରୋଗ





୧) ଏହି ରୋଗରେ ତଳ ପତ୍ର ସବୁ ହଳଦିଆ ରଙ୍ଗ ହୋଇ ଶୁଖିଯାଏ ଓ ପତ୍ରର ଧାରରୁ ପୋଡ଼ିଲା ପରି ଦେଖାଯାଏ ।

କାର୍ବେଣ୍ଡାଜିମ୍ ୧୨%+ମାନ୍କୋଜେବ୍ ୬୫% ଡ଼ବ୍ଲ୍ୟୁ.ପି ୨ ଗ୍ରାମ କିମ୍ବା ମେଟାଲାକ୍ସିଲ୍ ୮% + ମାନ୍କୋଜେବ୍ ୬୪% ଡ଼ବ୍ଲ୍ୟୁ.ପି ୨ ଗ୍ରାମ କିମ୍ବା ମେଟାଲାକ୍ସିଲ୍ ୮% + ମାନକୋଜେବ ୬୪% ଡ଼ବ୍ଲୁପି. ୨୫ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

# ରୋଗ ପୋକ ପରିଚାଳନା

## ପତ୍ରଖିଆ ନେଳିପୋକ



୧) ଏହି ପୋକ ଗଛରୁ ପତ୍ରକୁ କଣାକରି ଖାଇଯାଆନ୍ତି । ଗଛ ଥୁଣ୍ଟା ହୋଇ ଭଲ ବଢ଼େ ନାହିଁ ।

୨) ଟ୍ରାଏଜୋଫସ୍ (Triazophos) ବା କୁଇନାଲ୍‌ଫସ୍ (Quinalphos) ୨ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ୧୦-୧୨ଦିନ ଅନ୍ତରରେ ୨ ଥର ସ୍ପ୍ରେ କରନ୍ତୁ ।

## ଫଳ ମାଛି :





୧) ଫଳ ମାଛି ଫଳକୁ କଣା କଲେ ଫଳ ହଳଦିଆ ପଡ଼ିଯାଇଥାଏ । ଭାଙ୍ଗିକରି ଦେଖିଲେ ସେଥିରେ ଧଳା ସୂକ ଥିବାର ଦେଖାଯାଇଥାଏ । ବେଳେ ବେଳେ ଫଳ ବଙ୍କା ହୋଇ ଅଠା ବାହାରିବାର ଦେଖାଯାଇଥାଏ ।

୨) ରାତିରେ ଆଲୋକ ଯନ୍ତା ବ୍ୟବହାର କରନ୍ତୁ ।

୩) ୧୧୦ ମି.ଲି. ମହୁ / ଫଳରସ, ୨୦-୩୦ ଗ୍ରାମ ଗୁଡ଼, ୨ ମି.ଲି. ମାଲାଥିଅନ୍ କୁ ୪ ଲିଟର ପାଣିରେ ମିଶାଇ ଥୋପ ପ୍ରସ୍ତୁତ କରି ପ୍ଲାଷ୍ଟିକ ସରାରେ ଟଙ୍ଗାଇ ରଖିଲେ ତାକୁ ଖାଇ ଫଳମାଛି ମରିଯାଆନ୍ତି ।

୪) କ୍ଲୋରୋପାରରିଫସ୍ ୨ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

# ରୋଗ ପୋକ ପରିଚାଳନା

## ଫଳ ପଚା ରୋଗ :



୧) ପୋଟଳ ଫଳ ଉପରେ ପାଣି ଭିଜା ଦାଗ ପରି ଦାଗ ଦେଖାଯାଏ ଓ ପରେ ଫଳ ସଢ଼ିଯାଇଥାଏ ।

୨) ରୋଗର ଲକ୍ଷଣ ଦେଖା ଦେଲେ ୮-୧୦ ଦିନ ଅନ୍ତରରେ କପର ହାଇଡ୍ରୋକ୍ସାଇଡ଼ (Cupper Hydroxide-77% wp) ୭୭% ଡ଼ବ୍ଲ୍ୟୁ. ପି. (Metalyxyl 8%+Mancozeb 64% wp) ୨.୫ଗ୍ରାମ କିମ୍ବା ଥ୍ୟାୟୋଫାରେଟ ମିଥାଇଲ୍ - ୭୦% ଡ଼ବ୍ଲୁ .ପି. (Thiophenate Methyl - 70% wp) ୦.୪ ଗ୍ରମ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

## ଡ଼ଙ୍କ ଓ ଚେର ବିନ୍ଧା ପୋକ :



୧) ପୋକର ଶୁକ କଣା କରି କାଣ୍ଡ ଭିତରକୁ ପଶିଯାଏ ଓ ସେହି ସ୍ଥାନ ଫୁଲି ଯାଇଥାଏ । ଅଗ ଡ଼ଙ୍କ ହଳଦିଆ ପଡ଼ି ଶୁଖିଯାଏ ।

୨) ଚେର ଲଗାଇବା ପୂର୍ବରୁ ଚେର ବା କାଣ୍ଡ କୁ ମନକ୍ରୋଟଫସ୍ ଦ୍ରବଣ (Manocrotophos) (ପ୍ରତି ଲିଟର ପାଣିରେ ୧.୫ମି.ଲି) ରେ ୧୦ ମିନିଟ୍ ବୁଡ଼ାଇ ରଖନ୍ତୁ ।

୩) କ୍ଲୋରୋପାଇରିଫସ୍ କିମ୍ବା କ୍ୟୁନାଲ୍‌ଫସ୍ ୨ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

# ଚାଷ ପାଇଁ କୀଟ ନାଶକ କିମ୍ବା ଅନ୍ୟ ରାସାୟନିକ ଦ୍ରବ୍ୟ ପ୍ରୟୋଗ ସମୟ ରେ ନିମ୍ନ ତଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ

⇨ ସ୍ପ୍ରେ କଲାବେଳେ ପିଲାଙ୍କୁ କୀଟନାଶକ ଠାରୁ ଦୂରେଇଖନ୍ତୁ ।

⇨ କୀଟନାଶକ ଗୁଡ଼ିକୁ ପିଲାମନଙ୍କ ହାତ ପାହାନ୍ତାରୁ ଦୁରରେ ରଖନ୍ତୁ ।

⇨ ସ୍ପ୍ରେ ବୟସ୍କ ଲୋକ କରନ୍ତୁ । ପିଲା ମାନଙ୍କୁ ଏହି କାମ ଦିଅନ୍ତୁ ନାହିଁ ।

⇨ ସ୍ପ୍ରେ କଲାବେଳେ ଯେଉଁ ଦିଗରେ ପବନ ବୋହୁଥିବ, ସେହି ଦିଗକୁ ପିଠି କରନ୍ତୁ, ନହେଲେ ବିଷ ଆପଣଙ୍କ ଉପରେ ପଡ଼ିପାରେ ।

⇨ ସ୍ପ୍ରେ କଲାବେଳେ ନାକ ଏବଂ ମୁହଁକୁ କପଡ଼ାରେ ଢ଼ାଙ୍କନ୍ତୁ, ଦେହରେ ପୋଷାକ ପିନ୍ଧନ୍ତୁ, ବିଷ ଠିକ ମାତ୍ରାରେ ପ୍ରୟୋଗ କରନ୍ତୁ, ଏବଂ ସ୍ପ୍ରେ କରିସାରିଲା ପରେ ସାବୁନ ଦ୍ୱାରା ହାତ ଧୁଅନ୍ତୁ, ଯେଉଁ କପଡ଼ା ପିନ୍ଧି ସ୍ପ୍ରେ କରୁଥିଲେ ତାକୁ ମଧ ସାବୁନ ପାଣିରେ ଧୁଅନ୍ତୁ ।


⇨ କୀଟନାଶକ ବ୍ୟବହାର କରିସାରିଲା ପରେ ଡ଼ବା କିମ୍ବା ପ୍ୟାକେଟକୁ ଏଣେତେଣ ଫିଙ୍ଗନ୍ତୁ ନାହିଁ ।

⇨ ଧୋଇକରି ଏହି ଡ଼ବା ଗୁଡ଼ିକୁ ବ୍ୟବହାର କରନ୍ତୁ ନାହିଁ । ଏବଂ ପିଲା ମାନଙ୍କ ଠାରୁ ଦୂରରେ ରଖନ୍ତୁ ।

⇨ ଶରୀରରେ କୀଟନାଶକ ପଡ଼ିଗଲେ, ସାବୁନ ଦ୍ୱାରା ଭଲ ଭାବରେ ହାତ ଧୁଅନ୍ତୁ ।

⇨ ଆଖିରେ କୀଟ ନାଶକ ପଡ଼ିଗଲେ ସଫା ପାଣି ରେ ପ୍ରଥମେ ଆଖି ଧୁଅନ୍ତୁ ଏବଂ ତା ପରେ ଡ଼ାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

⇨ ସ୍ପ୍ରେ କଲାବେଳେ ମୁଣ୍ଡ ବିନ୍ଧିଲେ କିମ୍ବା ଦେହ ଖରାପ ଲାଗିଲେ ଡ଼ାକ୍ତରଙ୍କ ପରାମର୍ଶ ନିଅନ୍ତୁ ।





# ସମୋନ୍ନିତ
# ରୋଗ ପୋକ
# ପରିଚାଳନା











# କାଣ୍ଡ ଏବଂ ଫଳ ବିନ୍ଧା ର ପ୍ରତିକାର

- କୀଟ ଦ୍ୱାରା ସଂକ୍ରମିତ ବାଇଗଣ ଗଛ ଓ ଫଳ କୁ କାଢ଼ିଦିଅନ୍ତୁ ଏବଂ ନଷ୍ଟ କରିଦିଅନ୍ତୁ ।
- ଗଛରେ ଫୁଲ ଧରିବା ପୂର୍ବରୁ, ଏକର ପ୍ରତି ୪ ରୁ ୬ ଫେରୋମୋନ୍ ଯନ୍ତା ଲଗାନ୍ତୁ । ଅଣ୍ଡିରା ପୋକ କୁ ଦମନ କରିବା ପାଇଁ ଏହା ଏକ ସରଳ ଉପାୟ ।
- ଏହି ଯନ୍ତା କୁ ଖେତ ରେ ଫସଲ ଉଚତା ରୁ ଟିକିଏ ଅଧିକରେ ଲଗାନ୍ତୁ ଯାହା ଫଳରେ କୀଟ ତାହା ଆଡ଼କୁ ଆକର୍ଷିତ ହେବ ।
- କୀଟ ନିୟନ୍ତ୍ରଣ ପାଇଁ, ପ୍ରତି ଏକର ୨ ରୁ ୩ ଟ୍ରାଇକୋଗ୍ରାମା ଛିଲୋନିସ୍ ପ୍ରଜାତିର ଟ୍ରାଇକୋ-କାର୍ଡ଼ ଲଗାନ୍ତୁ ।
- ୧୫ ଦିନ ଅନ୍ତରାଳ ରେ ୩ ମି.ଲି ପ୍ରତି ଲିଟର ପାଣି ସହିତ ନିମାର୍କ ସ୍ପ୍ରେ କରନ୍ତୁ ।









# ହଳଦିଆ ଅଠା ଯୁକ୍ତ ଯନ୍ତା (yellow sticky trap)







## ଆକର୍ଷିତ ହେଉଥିବା ପୋକ

- ଧଳା ମାଛି
- ଶୋଷକ ପୋକ

## କ୍ଷତି ଗ୍ରସ୍ତ ଫସଲ :

ମୁଖ୍ୟତ ସମସ୍ତ ପନିପରିବା ଏବଂ ଫୁଲ ଚାଷ ରେ ଏହାର ବ୍ୟବହାର କରାଯାଇ ଥାଏ ।

## ଏହା କିପରି କାର୍ଯ୍ୟ କରେ ?

ସାଧାରଣତଃ ହଳଦିଆ ରଙ୍ଗ, ଶୋଷକ କୀଟ ଏବଂ ରୋଗର ବାହକ ମାଛି ଯେପରିକି ଧଳା ମାଛି ଆଦିଙ୍କୁ ଆକର୍ଷିତ କରିଥାଏ । ଏହି ପୋକ ଏବଂ ମାଛି ମାନେ ଏହି ଟ୍ରାପରେ ବସିବା ଦ୍ୱରା ଏଥିରେ ଥିବା ଅଠା ସଂସ୍ପର୍ଶରେ ଆସି ମରିଯାଇଥାନ୍ତି । ଏହା ଫଳରେ ପୋକ ଏବଂ ମାଛିଙ୍କ ପ୍ରକୋପ ଫସଲରେ ହ୍ରାସ ପାଇଥାଏ ।

## ବ୍ୟବହାର :

- ଏକ ଏକର ପାଇଁ ୮ ରୁ ୧୦ ଟି ଟ୍ରାପ ବ୍ୟବହାର କଲେ ଭଲ ଫଳ ମିଳିଥାଏ ।
- ଏହାକୁ ଚାଷୀ ମାନେ ନିଜେ ମଧ ତିଆରି କରି ଉପଯୋଗ କରି ପାରିବେ ।
- ହଳଦିଆ ଟିଣ କିମ୍ୱା ହଳଦିଆ ରଙ୍ଗର ଡ଼ବା ଉପରେ ଜଡ଼ାତେଲ/ଅନ୍ୟକୌଣସି ଅଠାଳିଆ ପଦାର୍ଥର ପ୍ରୟୋଗ କରି ଫସଲ ମଧ୍ୟରେ ବାଉଁଶ କିମ୍ୱା ବାଡ଼ି ସାହାର୍ଯ୍ୟରେ ଲଗା ଯାଇ ପାରିବ ।
- ମଝିରେ ମଝିରେ ଏହାକୁ ସଫା କରି ପୁନଃ ବ୍ୟବହାର କରାଯାଇ ପାରିବ ।




# ଆଲୋକ ଯନ୍ତା (Light trap)










## ଆକର୍ଷିତ ହେଉଥିବା ପୋକ :

- ପତ୍ରକଟା ପୋକ
- କାଣ୍ଡବିନ୍ଧା ପୋକ
- ଫଳବିନ୍ଧା ପୋକ
- ଡିଆଁପୋକ (ହୋପ୍ପର)
- ସମସ୍ତ ମାଛି
- ଅନ୍ୟ ଅନିଷ୍ଟକାରୀ କୀଟ

## ବ୍ୟବହାର :

- ଏକ ଏକର ଜମିରେ ଅତି କମରେ ୨ ରୁ ୩ ଟି ଆଲୋକଯନ୍ତା ବ୍ୟବହାର କରାଯିବା ଆବଶ୍ୟକ ।
- ଅତି କମରେ ୧୦୦ ୱାଟ ର ବଲ୍ ବ୍ୟବହାର କରନ୍ତୁ ଯାହାକି କୀଟ ମାନଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ ।
- ଫସଲ ଠାରୁ ଉଚ୍ଚ ରେ ଏହାକୁ ଲଗାନ୍ତୁ ଯେପରିକି ଏହାର ଆଲୋକ ଅଧିକ ରୁ ଅଧିକ ଦୂରତା ପର୍ଯ୍ୟନ୍ତ ଦେଖା ଯିବ ।
- ବିଜୁଳି ତାରକୁ ସୁକ୍ଷିତ ଭାବେ ଲଗାନ୍ତୁ ଯେପରିକି କେହି ବିଜୁଳି ଆଘାତ ଦ୍ୱାରା ପୀଡ଼ିତ ନହେବେ ।
- ସୋଲାର / ସୌରଚାଳିତ ଆଲୋକ ଯନ୍ତା ମଧ୍ୟ ବ୍ୟବହାର କରିପାରିବେ ।
- କମ ଖର୍ଚ୍ଚ ରେ ପାରମ୍ପାରିକ ଉପାୟ ଅବଲମ୍ବନ କରି ଅଲୋକ ଦୀପ ମଧ ବ୍ୟବହାର କରିପାରିବେ ।
- ଏହି ଯନ୍ତାକୁ ସଂନ୍ଧ୍ୟା ସମୟରେ ବ୍ୟବହାର କଲେ ଅଧିକ ରୁ ଅଧିକ କୀଟ ଏହି ଯନ୍ତାରେ ପଡ଼ିଥାନ୍ତି ।

# ସଙ୍ଗ ଆକର୍ଷଣ ଯନ୍ତା (pheromone trap)

**ଆକର୍ଷିତ ହେଉଥିବା ପୋକ :**
**<u>ଫଳ ଛେଦକ କୀଟ</u>**







### ବ୍ୟବହାର :

- ଏକ ଏକର ଫସଲ ପାଇଁ ୫ଟି ସଙ୍ଗ ଆକର୍ଷଣ ଯନ୍ତା ଆବଶ୍ୟକ ପଡ଼ିଥାଏ ।
- ପ୍ରତ୍ୟେକ ଭିନ୍ନ କୀଟ ପାଇଁ ଭିନ୍ନ ଭିନ୍ନ ଫେରୋମନ ବା ସଙ୍ଗ ଆକର୍ଷଣ ଆବଶ୍ୟକ ପଡ଼ିଥାଏ ।





### ପକ୍ଷୀ ଆଶ୍ରୟ ର ବ୍ୟବସ୍ଥା :

ପକ୍ଷୀ ବସିବା ପାଇଁ ବାଉଁଶରେ ଏକ ଭାରା ଭଳି ଜିନିଷ ଏକର ପ୍ରତି ୧୦ଟି ଜମିରେ ପୋତିଦେଲେ ଉପକାରୀ ପକ୍ଷୀମାନେ ଏହା ଉପରେ ବସିଥାନ୍ତି ଓ ଅପକାରୀ କୀଟକୁ ଖାଇଦିଅନ୍ତି ।



# କିଛି ଉପକାରୀ ମିତ୍ର କୀଟ



ୱାସ୍ପ WASP



ଲେଡି ବଗ୍



ପାଇରେଟ ବଗ୍



ଡାମସେଲ ବଗ୍



ଟାଚିନିଡ୍ ଫ୍ଲାଏ



ଡ୍ରାଗୋନ ଫ୍ଲାଏ



ରୋବର ଫ୍ଲାଏ



ବୁଢ଼ିଆଣୀ



ପ୍ରେୟିଙ୍ଗମଣ୍ଟିଡ୍



ବିଗ ଆଏଡ୍ ବଗ୍



ରେଡୁଭିଡ୍ ବଗ୍



ଗ୍ରାଉଣ୍ଡ ବିଟଲ୍



ଫାୟାର ଆଣ୍ଟ୍

<u>ଉପକାର :</u>

- ଉପରୋକ୍ତ କୀଟ ଗୁଡିକ ଫସଲରେ ଦେଖାଗଲେ ଏମାନଙ୍କୁ ମାରିବେ ନାହିଁ କାରଣ, ଏମାନେ ଫସଲର ସୁରକ୍ଷା କରିଥାନ୍ତି । ଏଣୁ ଏଗୁଡ଼ିକୁ ଉପକାରୀ ବା ମିତ୍ରକୀଟ କୁହାଯାଏ ।
- ପରାଗ ସଙ୍ଗମ ପ୍ରକ୍ରିୟାରେ ସାହାଯ୍ୟ କରନ୍ତି ।
- ବିଭିନ୍ନ ଶୋଷକ କୀଟ ଏବଂ ଅପକାରୀ କୀଟ ମାନଙ୍କ ଅଣ୍ଡା, ଲାର୍ଭା ଆଦିକୁ ଖାଇଦିଅନ୍ତି ।

# ଖରାଟିଆ ହଳ ଏବଂ ଚୂନ ପ୍ରୟୋଗ

**ଗ୍ରୀଷ୍ମ ଋତୁରେ ମିଳୁଥିବା ଜଳ ଉପରେ ନିର୍ଭର କରି ଖରାଟିଆ ଚାଷ କରାଯାଏ ।**

**<u>ଖରାଟିଆ ହଳ କରିବା ଦ୍ୱାରା :</u>**

- ଜମିରୁ ପୋକ ମାନଙ୍କ ଅଣ୍ଡା, କୋଷ, ଏବଂ ଫିମ୍ପି ଉପରକୁ ଉଠି ଆସେ ଓ ସୂର୍ଯ୍ୟ ତାପ ରେ ନଷ୍ଟ ହୋଇଯାଏ ।
- ଅନା ବନା ଘାସ ସବୁ ମରିଯାଏ ।
- ମାଟି ଗୁଣ୍ଡ ହୁଏ ଏବଂ ଜଳଧାରଣ ଶକ୍ତି ବୃଦ୍ଧିପାଏ ।
- ଅଦିନିଆ ବର୍ଷା ଏବଂ ବିଜୁଳିରେ ବାୟୁ ମଣ୍ଡଳରେ ଯବକ୍ଷାରଜାନ ବିବନ୍ଧନ ହୋଇ ଜମିରେ ଉପଯୋଗ ହୁଏ ।

ମାଟିରେ ଅମ୍ଳ ଅଧିକ ହେଲେ ରୋଗ ଏବଂ ପୋକ ସହଜରେ ଆକ୍ରମଣ କରନ୍ତି, ତେଣୁ ଫସଲ ନେବା ପୂର୍ବରୁ ଜମି ହଳ କରିବା ସମୟରେ ଏକର ପିଛା ୪ କୁଇଣ୍ଟାଲ୍ ଚୂନ ପ୍ରୟୋଗ କରନ୍ତୁ ।









# ଦେଶୀୟ ବିହନର ଚୟନ

ସାଧାରଣତଃ ଦେଶୀୟ ବିହନ, ଆଧୁନିକ ବିହନ ଠାରୁ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥାଏ । ଦେଶୀୟ ବିହନରୁ ଅଧିକ ମାତ୍ରାରେ ଅମଳ ପାଇବା ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ଖତ (ଗୋବର ଖତ, ଜିଆ ଖତ) ପ୍ରୟୋଗ କରନ୍ତୁ ।



# ଗନ୍ଧ ଯୁକ୍ତ ଅନ୍ତ ଫସଲ

ମୁଖ୍ୟ ଫସଲ ସହ କିଛି ଫସଲ କରାଯାଇ ପାରିବ ଯେପରିକି ପିଆଜ ଏବଂ ରସୁଣ ଯାହାର ଗନ୍ଧରେ ଅନେକ କୀଟ ମୁଖ୍ୟ ଖେତକୁ ପ୍ରବେଶ କରିପାରନ୍ତି ନାହିଁ । ସେହିପରି ଗେଣ୍ଡୁଫୁଲ ଲଗାଇଲେ, କୀଟମାନେ ହଳଦିଆ ରଙ୍ଗ ପ୍ରତି ଆକର୍ଷିତ ହୁଅନ୍ତି, ଯାହାଫଳରେ ମୁଖ୍ୟ ଫସଲ ସୁରକ୍ଷିତ ରୁହେ ।



# ଫସଲ ପରିବର୍ତ୍ତନ

ଗୋଟିଏ ଜମିରେ ଗୋଟିଏ ଫସଲ ବାରମ୍ବାର କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଅପକାରୀ କୀଟ ମାନଙ୍କ ରୋଗ ପ୍ରତିରୋଧକ କ୍ଷମତା ବଢ଼ିଯାଏ । ଏଣୁକରି ସମୟ ଅନୁସାରେ ଫସଲ ପରିବର୍ତ୍ତନ କରି ଫସଲ ସୁରକ୍ଷା କରନ୍ତୁ ।

# ସମନ୍ୱିତ କୃଷି ପଦ୍ଧତି ର କିଛି ନିୟମାବଳୀ

୧. ବଜାର ରୁ କିଣା ଯାଇଥିବା ବିହନ, ସାଧାରଣତଃ ରାସାୟନୀକ ଔଷଧରେ ଉପଚାରିତ ହୋଇଥାଏ । ସମନ୍ୱିତ ଏବଂ ଜୈବିକ ଉପାୟ ଅବଲମ୍ବନ କରୁଥିବା ଚାଷୀମାନେ ବିହନ ବ୍ୟବହାର ପୂର୍ବରୁ ପ୍ରଥମେ ୫୦% ଗାଇ ପରିଶ୍ରାରେ ଏକ ଘଣ୍ଟା ବୁଡ଼ାଇ ରଖନ୍ତୁ ।

୨. ଉନ୍ନତ ମାନର ଦେଶୀ ବା **OP** ବିହନ ର ବ୍ୟବହାର କରନ୍ତୁ ।

୩. ବିହନ ଏବଂ ମାଟି କୁ ଉପଚାରିତ କରିବା ପାଇଁ **NPK** କୋନସୋଟିଆ, ଟ୍ରାଇକୋଡର୍ମା, ସୁଡୋମୋନାସ ଏବଂ ମାଇକୋରାଇଜା ର ବ୍ୟବହାର କରନ୍ତୁ ।

୪. ତଳି ରୋପଣ ସମୟରେ ଗୋବର ଖତ, **NPK** କୋନସୋଟିଆ, ଟ୍ରାଇକୋଡର୍ମା, ସୁଡୋମୋନାସ ର ପ୍ରୟୋଗ ଗାତରେ କରନ୍ତୁ ଏବଂ ଆବଶ୍ୟକ ହେଲେ ଜିବାମୃତ ଏବଂ ୱେଷ୍ଟ ଡ଼ି. କମ୍ପୋଜର ର ବ୍ୟବହାର କରନ୍ତୁ ।

୫. ପ୍ରତି ସପ୍ତାହରେ ୫୦୦ ଏମ୍ ଏଲ୍ ହାଣ୍ଡିଖତ, ୫୦୦ ଏମ୍ ଏଲ୍ ମଠାସ୍ତ୍ର ଏବଂ ୫୦୦ ଏମ୍ ଏଲ୍ ଅଗ୍ନେୟାସ୍ତ୍ର ମିଶାଇ ପତ୍ର ଉପରେ ସ୍ପ୍ରେ କରନ୍ତୁ ।

୬. ତଳି ପଟିରେ କୌଣସି ରାସାୟନିକ ସାର, କୀଟନାଶକ ଔଷଧର ପ୍ରୟୋଗ କରନ୍ତୁ ନାହିଁ । ଏବଂ ରୋପଣର ଅତି କମରେ ୧୦ ଦିନ ପର୍ଯ୍ୟନ୍ତ ପ୍ରାରମ୍ଭିକ ରାସାୟନିକ ସାର ଏବଂ କୀଟନାଶକ ର ମଧ୍ୟ ବ୍ୟବହାର କରନ୍ତୁ ନାହିଁ ।


ajsa
BGS
cysd
FES
harsha trust
IDA
Jansahajya
Pradan
JMA
Lokadrusti
Shristi
SEWA
VIKALPA